# କର୍ମଚାରୀ ଅଭାବ: ଯୋଜନା କାର୍ଯ୍ୟକାରୀରେ ଅନ୍ତରାୟ

ପଟ୍ଟାମୁଣ୍ଡାଇ,୧୫।୯ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟ।

ଭାଜପା ସରକାର ପ୍ରଶାସନକୁ ଲୋକାଭିମୁଖୀ କରି ଲୋକମାନଙ୍କ ହିତରେ ଯୋଜନା ପ୍ରଣୟନ କରୁଥିବା କୁହାଯାଉଛି। କିନ୍ତୁ ସରକାର ପ୍ରଣୟନ କରୁଥିବା ଯୋଜନାଗୁଡ଼ିକ ବାସ୍ତବରେ କର୍ମଚାରୀ ଅଭାବରୁ ତଳ ସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଜନସାଧାରଣ କେତେଦୂର ତା'ର ଫାଇଦା ପାଇପାରୁଛନ୍ତି ତା'ର ଅନୁଧ୍ୟାନ କରିବାକୁ କେହିନାହାନ୍ତି। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ରହିଥିବା କର୍ମଚାରୀ ଅଭାବ ଯୋଗୁ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ପ୍ରକୃତରେ ଏଠାରେ ପ୍ରଶାସନ ଲୋକମାନଙ୍କର ନିକଟତର ହେଉଛି ନାଁ ଦୂରେଇ ଯାଉଛି। ଏହି ଅସମାହିତ ପ୍ରଶ୍ନକୁ ନେଇ ଜନଆନ୍ଦୋଳନ ପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ପଟ୍ଟାମୁଣ୍ଡାଇରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀ ମରୁଡି ପଡ଼ିଥିବା ଦେଖିବାକୁ ମିଳୁଛି। କର୍ମଚାରୀ ଅଭାବରୁ ଲୋକମାନଙ୍କର କୌଣସି କାର୍ଯ୍ୟ ହୋଇପାରୁନାହିଁ। ଯେଉଁ କେତେଜଣ ହାତ ଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡ଼ିକ ଚାଲିଛି ସେମାନେ ମିଟିଂ, ଭିସି ଏବଂ ଫିଲ୍ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏଥିଯୋଗୁ ଜନସାଧାରଣ ବହୁ ଦୂର ଦୂରାନ୍ତରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆସି କୌଣସି କାର୍ଯ୍ୟ କରି ନ ପାରି ନିରାଶ ମନରେ ଫେରିବାକୁ ବାଧ୍ୟ ହେଉଛନ୍ତି। ପଟ୍ଟାମୁଣ୍ଡାଇର ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଲାଗି ରହିଛି। କୃଷି କାର୍ଯ୍ୟାଳୟରେ ଜଣେ ଏଏଓଙ୍କ ସମେତ ୫ରୁ ଅଧିକ ଭିଏଡବ୍ଲ୍ୟୁ ପଦବୀ ଖାଲି ପଡ଼ିଛି। ଫଳରେ କୃଷି କାର୍ଯ୍ୟ ବ୍ୟାହତ ହେଉଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ, ଜଳସମ୍ପଦ ବିଭାଗରେ ଏସ୍‌ଡିଓ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ପୂର୍ତ୍ତ ବିଭାଗରେ ୨ ଜଣ କନିଷ୍ଠ ଯନ୍ତ୍ରୀ ବଦଳରେ ଜଣେ ଯନ୍ତ୍ରୀ ଆଳି, ପଟ୍ଟାମୁଣ୍ଡାଇ ଦାୟିତ୍ୱରେ ଅଛନ୍ତି। ସେଥିନେଇ ଉନ୍ନତିମୂଳକ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଅଗ୍ନିଶମ କାର୍ଯ୍ୟାଳୟରେ ନିଯୁକ୍ତି ଅନୁସାରେ କର୍ମଚାରୀ ନାହାନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ କର୍ମଚାରୀ ନ ଥିବାରୁ କାର୍ଯ୍ୟରେ ବ୍ୟାହତ ସୃଷ୍ଟି ହେଉଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ କୌଣସି ସ୍ପେଶାଲିଷ୍ଟ ନ ଥିବାବେଳେ ୮ଜଣ ସର୍ଜନକୁ ନେଇ ଚାଲିଛି। ପେଡିଆଟ୍ରିକ୍, ଅର୍ଥୋପେଡିକ ଓ ମେଡିସିନ ପ୍ରଭୃତି ବିଭାଗର ସ୍ପେଶାଲିଷ୍ଟ ନ ଥିବା ଯୋଗୁ ଲୋକେ ଚିକିତ୍ସା କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ନ ଥିବା ଯୋଗୁ ପ୍ରସୂତିମାନଙ୍କୁ ନର୍ସମାନଙ୍କ ସହଯୋଗରେ ପିଲା ଜନ୍ମ କରାଯାଉଥିବା ଅଭାବନୀୟ ଚିତ୍ର ଦେଖିବାକୁ ମିଳୁଛି। ଏଏନ୍‌ଏମ୍, ଷ୍ଟାଫ ନର୍ସ, ଅଟେଣ୍ଡାଣ୍ଟ ଏବଂ କୁକ୍ ପଦବୀ ଖାଲି ପଡ଼ଛି। ଏତଦ୍‌ବ୍ୟତୀତ ପଟ୍ଟାମୁଣ୍ଡାଇ ବ୍ଲକର ୫ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁଠି ଡାକ୍ତର ନାହାନ୍ତି ତ କେଉଁଠାରେ ଫାର୍ମାସିଷ୍ଟ, ଷ୍ଟାଫନର୍ସ କିମ୍ବା ଆଟେଣ୍ଡାଣ୍ଟ ନାହାନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକରେ ୭ ଜଣ ପିଆଇଓ, ୩ ଜଣ ପଞ୍ଚାୟତ ଯୋଗାଣ ସହାୟକ, ଗୋଟିଏ ଆକାଉଣ୍ଟ ଅଫିସର, ଜଣେ ପିଆଇଓ ଓ ବିଏସ୍‌ଏସ୍‌ଓ ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଛି। ସେହିପରି ପଟ୍ଟାମୁଣ୍ଡାଇ ତହସିଲରେ ୬ ଜଣ କିରାଣି, ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ଆଇନ ଶୃଙ୍ଖଳା କ୍ଷେତ୍ରରେ ଅସୁବିଧା ଦେଖାଦେଉଛି। ଏହି ଥାନା ଅଧୀନରେ ଥିବା ଚଉଦକୁଲାଟ ଫାଣ୍ଡିରେ କର୍ମଚାରୀ ଅଭାବରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମାଞ୍ଚଳ ଥାନା ଅଧୀନରେ ଅଧିକ ଗ୍ରାମ ରହିଥିବାରୁ କର୍ମଚାରୀ ଅଭାବରେ କାମ କରିବା ବହୁତ କଷ୍ଟକର ହୋଇପଡୁଛି। ସେହିପରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ବହୁ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଧିକାରୀ ଅଧୀନ ବିଭିନ୍ନ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଫଳରେ ସରକାରଙ୍କର କର୍ମଚାରୀ ଛଟେଇ ନୀତି ଯୋଗୁ ପ୍ରଶାସନ ଏବେ ଲୋକମାନଙ୍କ ପାଖରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ବିଡିଓ ସୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ କେତେଜଣ ହାତଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡ଼ିକ ଚାଲିଛି। ସେମାନେ ମିଟିଂ, ଭିସି ଏବଂ ଫିଲ୍ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ବୋଲି ସେ କହିଛନ୍ତି।

## ଚଢ଼େଇଧରା ଅଞ୍ଚଳରେ ଖୁଦୁରୁକୁଣୀ ଓଷା




ଚଢ଼େଇଧରା,୧୫।୯(ଦିଲୀପ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା ଅଞ୍ଚଳରେ ରବିବାର ଖୁଦୁରୁକୁଣୀ ଓଷା ପାଳିତ ହୋଇଯାଇଛି। ସକାଳୁ ଯୁବତୀମାନେ ଫୁଲ ତୋଳିବା ପରେ ଗାଁ ପୋଖରୀରେ କଳସ ବୁଡାଇ ମା' ମଙ୍ଗଳାଙ୍କ ପୂଜା କରିଥିଲେ। ସନ୍ଧ୍ୟାରେ ଖୁଦୁରୁକୁଣୀ ବହି ପଢ଼ିଥିଲେ। ଅଞ୍ଚଳର ଗଡ଼ମଧୁପୁର, କୁକୁଡ଼ାଖାଲି, ଚଢ଼େଇଧରା, ରଗଡ଼ିପଶି, ମହିସରା, ଠାକୁରା, କମାଗଡ଼ ଅଁଶିଆ, ନାରାୟଣପୁର, କୁରିକଣା, ସପାରୁ, ତୋଟାକଣ, ଭୁବନପୁର, ଆରୁହା କଣ୍ଟାମାଳିଆ ଆଦି ଗ୍ରାମରେ ଖୁଦୁରୁକୁଣୀ ଓଷା ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ କେତେକ ଗାଁରେ ପାଲା ଓ ଭଜନ ପରିବେଷଣ କରାଯାଇଛି।

## ଜିଲା ଲେଖିକା ସଂସଦ ପକ୍ଷରୁ ଚାରାରୋପଣ

ଯାଜପୁରରୋଡ୍,୧୫।୯(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା ଲେଖିକା ସଂସଦ ପକ୍ଷରୁ ବ୍ୟାସନଗର ସହରର କନ୍ହେଇପୁରସ୍ଥିତ ମଦର ଇନଲାଇଟିମେଣ୍ଟ ପବ୍ଲିକ ସ୍କୁଲ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଲେଖିକା ସଂସଦ ସଭାପତି ହିରଣ୍ମୟୀ ମହାନ୍ତିଙ୍କ ନେତୃତ୍ୱରେ ପ୍ରାରମ୍ଭରେ 'ବୃକ୍ଷ ହିଁ ଜୀବନ'ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂସଦର ସମ୍ପାଦିକା ବ୍ରଜେଶ୍ୱରୀ ସିଂ, ବରିଷ୍ଠ ସଦସ୍ୟା ରାଜଶ୍ରୀ ପରିଡ଼ା, ଧରିତ୍ରୀ ଦାସ, ମଧୁମିତା ନାୟକ, ଗାୟତ୍ରୀ ନାୟକ, ଅନୁସୟା ବରାଳ, ସଂସ୍କୃତି ମିଶ୍ର, ସ୍ୱସ୍ତିକା ମିଶ୍ର ପ୍ରମୁଖ ଯୋଗଦେଇ ମାନବ ସମାଜ ପାଇଁ ଚାରାରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସ୍କୁଲ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ମିଶ୍ର ଏବଂ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟା ସରୋଜିନୀ ପତି ଧନ୍ୟବାଦ ଦେଇଥିଲେ।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ


ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

ବଡ଼ଚଣା,୧୫।୯(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମୂର୍ତ୍ତି ନିର୍ମାଣ ପାଇଁ ରବିବାର ମାଟି ଅନୁକୂଳ କରାଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ପୁରୋଧା, କର୍ତ୍ତା, କମିଟି କର୍ମକର୍ତ୍ତା ଓ ସଭ୍ୟମାନେ ନିକଟସ୍ଥ ମହୋତ୍ସବ ପଡ଼ିଆରେ ପୂଜାର୍ଚ୍ଚନା କରି ମାଟି ସଂଗ୍ରହ କରିଥିଲେ। କର୍ତ୍ତା ଲଲାଟେନ୍ଦୁ ବିଶ୍ୱାଳ, କମିଟି ସଭାପତି ବିଭୂତି ଭୂଷଣ ଜେନା, ଉପସଭାପତି ପ୍ରଶାନ୍ତ କୁମାର ଜେନା, ସଞ୍ଜୟ କୁମାର ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ସହସମ୍ପାଦକ ଅଟଳ ଜେନା, ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ରତିକାନ୍ତ ସ୍ୱାଇଁ, ଉପଦେଷ୍ଟା ସନ୍ତୋଷ କୁମାର ରାଉତ, ଶୈଳେନ୍ଦ୍ର ନାୟକ, ବ୍ରଜକିଶୋର ସ୍ୱାଇଁ, ପ୍ରମୋଦ ଜେନା, କିଶୋର ମହାପାତ୍ର, ସମରେନ୍ଦ୍ର ମାହାଲା ଓ ଅନନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁରବସ୍ଥା ମଧ୍ୟରେ ବେଣୀପୁର ବିରୂପା ସେତୁ

ଡେରାବିଶ,୧୫।୯
(ବେବର୍ତ୍ତା ଅଜୟ ଦାସ)

### ବାହାରି ଯାଇଥିବା ରଡ଼ ପାଇଁ ଯାତାୟାତ ବାଧାପ୍ରାପ୍ତ



କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାକୁ ସଂଯୋଗ କରୁଥିବା ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର-ବାଲିକୁଦା ଗ୍ରାମ୍ୟ ଉନ୍ନୟନ ରାସ୍ତାର ବେଣୀପୁରଠାରେ ଥିବା ବିରୂପା ସେତୁର କେତେକ ସ୍ଥାନରେ କଂକ୍ରିଟ ଉଠି ରଡ଼ ବାହାରି ପଡ଼ିଛି। ଯେଉଁଥିପାଇଁ ସେତୁ ଦେଇ ଯାତାୟାତ କରୁଥିବା ଯାନବାହନ ସମେତ ପଥଚାରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ରାସ୍ତାଟି ଉଭୟ ଜିଲାର ମୁଖ୍ୟ ରାସ୍ତା ହୋଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବେଣୀପୁରଠାରେ ବିରୂପା ନଦୀ ଉପରେ ସେତୁ ନିର୍ମାଣ କରାଯାଇଥିଲା। ଯେଉଁ ସେତୁକୁ ୨୦୧୩ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଇତିମଧ୍ୟରେ ସେତୁ ନିର୍ମାଣକୁ ୧୧ବର୍ଷ ବିତି ଯାଇଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଅଭାବରୁ ସେତୁର ଉପର ଭାଗର ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠିଯାଇ ଲୁହା ରଡ଼ ପଦାକୁ ବାହାରି ପଡ଼ିଛି। ଯାହାଫଳରେ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧା ଭୋଗିବା ସହ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନେଇ ବେଣୀପୁର ଗ୍ରାମର ସୁଦୀପ୍ତ କୁମାର କହିଛନ୍ତି। ସୁଦୀପ୍ତଙ୍କ କହିବା ଅନୁଯାୟୀ, ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ମାତ୍ର ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ତେବେ ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରେ ଏହି ସେତୁର ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଏକ ବୈଷୟିକ ଟିମ୍ ପଠାଇ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଖୁବ୍‌ଶୀଘ୍ର ଏହି ବୈଷୟିକ ଟିମ୍ ଆସି ସେତୁକୁ ତଦାରଖ କରିଯିବା ପରେ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## କୃତୀ ଖେଳାଳି ସମ୍ବର୍ଦ୍ଧିତ

ବରୀ,୧୫।୯(ମହେନ୍ଦ୍ର ସ୍ୱାଇଁ)

ବରୀ ଶିକ୍ଷା ମଣ୍ଡଳ ଅଧୀନ ଚନ୍ଦନପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜେନ୍ଦ୍ର ବେହେରା ଜାତୀୟ ଜୁନିଅର ଫୁଟବଲ ଦଳର ଗୋଲ କିପର ଭାବେ ସ୍ଥାନ ପାଇ ବାଙ୍ଗାଲୋରଠାରେ ଖେଳି ଫେରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନିରୁଦ୍ଧ ମଲ୍ଲ, ରାମପୁର ପଞ୍ଚାୟତ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଭା ମହାପାତ୍ର, ଏମ୍‌ବିକେ ସୁଭଦ୍ରା ଦାସ, ନକୁଳ ଚନ୍ଦ୍ର ଦାସ, ଜମ୍ବୁବତୀ ପଣ୍ଡା, କାବେରୀ ସାମଲ, ସାମାଜିକ କର୍ମୀ ଅଜୟ ମଲ୍ଲ, କୋଚ ତାଜଉଦ୍ଦିନ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


କୃତୀ ଖେଳାଳି ରାଜେନ୍ଦ୍ର ବେହେରାଙ୍କୁ ସରପଞ୍ଚ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ସୁଭଦ୍ରା ପଦଯାତ୍ରା ବେଳେ ୨ ମହିଳା ଆହତ

ଆଳି, ୧୫।୯(ବନମାଳୀ ସେନାପତି)

ଆଳି ବ୍ଲକରେ ରବିବାର ସୁଭଦ୍ରା ସ୍ୱାଗତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ମହିଳାମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ। ଏଥିରେ ସାମିଲ ହୋଇଥିବା ବାଳକାଟି ଗ୍ରାମର ଏସ୍‌ଏଚଜିର ସଦସ୍ୟା ପ୍ରମିଳା ମଲିକ ପଦଯାତ୍ରାରେ ଯାଉଥିବା ବେଳେ ଏକ ଅଟୋ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ସଙ୍ଗେସଙ୍ଗେ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ସେହିପରି ଆଇସିଡିଏସ ବିଭାଗର ସୁପରଭାଇଜର ଉର୍ମିଳା ବେହେରା ମଧ୍ୟ ଭିଡ଼ ମଧ୍ୟରେ ପଡ଼ି ଯାଇ ତାଙ୍କର ଗୋଡ଼ ଭାଙ୍ଗି ଯାଇଛି। ଉଭୟଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦିଆଯାଇଛି।

## ଅଗ୍ନି ବିପନ୍ନଙ୍କୁ ସହାୟତା

ମହାକାଳପଡ଼ା, ୧୫।୯(ପ୍ରତାପଚନ୍ଦ୍ରସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ସ୍ଥାନୀୟ ବାଙ୍କିଛନ୍ଦା ଗ୍ରାମର ବଳରାମ ବେହେରାଙ୍କ ଗୃହ ୨ ସପ୍ତାହ ପୂର୍ବେ ନିଆଁଲାଗି ବ୍ୟାପକ କ୍ଷତି ହୋଇଥିଲା। ଖବରପାଇ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖାର ରାଜ୍ୟ ତଥା ଜାତୀୟସ୍ତରରେ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିବା ୨ ଯୁବ ସେଚ୍ଛାସେବୀ ଦୀପକ କୁମାର ଚୌଧୁରୀ ଓ ଲକ୍ଷ୍ମଣ ସ୍ୱାଇଁ ରବିବାର ପୂର୍ବାହ୍ନରେ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ଅଗ୍ନି ବିପନ୍ନ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଏହି ଯୁବ ସେଚ୍ଛାସେବୀ ଦୁଃଖ ଦେଖି ମର୍ମାହତ ହୋଇଥିଲେ।

# ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବ

କେନ୍ଦ୍ରାପଡ଼ା, ୧୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ବହୁ ଆଲୋଚିତ ସୁଭଦ୍ରା ଯୋଜନା ସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରା ସହର ଓ ବ୍ଲକସ୍ତରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସହରର ତିନିମୁହାଣୀଠାରେ ଏହି ପଦଯାତ୍ରାକୁ ସମ୍ମାନିତ ଅତିଥି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ସଭାପତି ଲିଳିତା ଦାସ, ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଅନୁଷ୍ଠିତ ସଭାରେ ସୁଭଦ୍ରା ଯୋଜନା ରାଜ୍ୟର ମହିଳାଙ୍କୁ ସଶକ୍ତ କରିବ ବୋଲି ଅତିଥିମାନେ ମତ ରଖିଥିଲେ। ସେମାନେ କହିଥିଲେ, ଯୋଜନାରୁ ମିଳୁଥିବା ଅର୍ଥରେ ଘରର ଆର୍ଥିକ ଓ ସାମାଜିକ ସୁଧାରରେ ମହିଳାମାନେ ଖର୍ଚ୍ଚ କରିବେ। ସ୍ୱଳ୍ପ ଧରଣର ବ୍ୟବସାୟ ଏଥିରେ ହୋଇପାରିବ। ୫ ବର୍ଷ ମଧ୍ୟରେ ଯୋଜନା ମାଧ୍ୟମରେ ୫୦ ହଜାର ଟଙ୍କା ମିଳୁଥିବାରୁ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରେରଣା ମିଳିବ। ଏହି ପଦଯାତ୍ରାରେ ବହୁ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ସାମିଲ ହୋଇଥିଲେ।

**ରାଜନଗର,(ଭାସ୍କର ରାଉତରାୟ)** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାକୁ ଆହୁରି ଲୋକାଭିମୁଖୀ କରିବାକୁ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ହଂସୁଆ ସେତୁ ନିକଟରୁ ପଦଯାତ୍ରା ବାହାରି ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚିଥିଲା। ବିଡିଓ ନିଶାନ ମିଶ୍ରଙ୍କ ନେତୃତ୍ୱରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜୀବିକା ମିଶନର ସଂଯୋଜକ ରଶ୍ମିରଞ୍ଜନ ଦାଶ, ନିହାର ରଞ୍ଜନ ବେହେରା, ରାଜନଗର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ମିଶନ ଶକ୍ତିର ମହିଳା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀମାନେ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବସରରେ ବିଡିଓ ମିଶ୍ର ସୁଭଦ୍ରା ଯୋଜନାରେ ମହିଳାମାନେ କିଭଳି ଲାଭ ପାଇପାରିବେ ସେ ନେଇ ଉପସ୍ଥିତ ଥିବା ମହିଳାମାନଙ୍କୁ ବୁଝାଇ ଥିଲେ।

**ଡେରାବିଶ,(ବେବର୍ତ୍ତା ଅଜୟ ଦାସ)** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ମହିଳା ସଶକ୍ତୀକରଣ ପାଇଁ ଆରମ୍ଭ ହେବାକୁ ଥିବା ସୁଭଦ୍ରା ଯୋଜନା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହେବ। ଏହି ଅବସରରେ ରବିବାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଏହି ଯୋଜନାର ସଫଳତା ପାଇଁ ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା ଅଧ୍ୟକ୍ଷତା କରି ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବାକୁଥିବା ସୁଭଦ୍ରା ଯୋଜନାର ବିଭିନ୍ନ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ସିଡିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ବିପିସି ବିଜୟଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଭଦ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ରହି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ର ଯୋଜନା କିପରି ସହାୟକ ହେବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ବହୁ ଏମ୍‌ବିକେ, ସିଆରପି, ବ୍ଲକ ମହିଳା ଓ ଶିଶୁ ବିଭାଗର ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଅଧୀନ ଗୁଆଳସିଂହ ପଞ୍ଚାୟତ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନ ନିକଟରୁ ଏକ ସ୍ୱାଗତ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ସେହିପରି ବ୍ଲକ ଅଧୀନ ସମସ୍ତ ପଞ୍ଚାୟତଗୁଡ଼ିକରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଆଳି,(ବନମାଳୀ ସେନାପତି)** ଆଳି ବ୍ଲକରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଳିନୂଆ ବସ୍‌ଷ୍ଟାଣ୍ଡ ପରିସରରୁ ପଦଯାତ୍ରା ବାହାରି ଆଳି ନୂଆବଜାର ପରିକ୍ରମା କରି ଆଳି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେହିପରି ଆଳି ବ୍ଲକର ୩୪ଟି ପଞ୍ଚାୟତରେ ମଧ୍ୟ ଏହି ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦେବ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସିଡିପିଓ କାନନବାଳା ପଣ୍ଡା, ମିଶନ ଶକ୍ତି ବିପିସି ମୋନାଲିସା ନାୟକ, ବିପିଏମ ପ୍ରକାଶ ଦାସ, ବିଏଲସି ମନୋରଞ୍ଜନ ପାଇଟଲ, ବିଭୁଦତ୍ତ ବିଶ୍ୱାଳ, ଦୀପକ ମହାନ୍ତିଙ୍କ ସମେତ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ।

**ପଟ୍ଟାମୁଣ୍ଡାଇ,(କଳ୍ପତରୁ ନାୟକ)** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରଠାରୁ ବାହାରି ପଟ୍ଟାମୁଣ୍ଡାଇ ବ୍ଲକକୁ ଯାଇଥିଲା। ସେଠାରେ ବିଡିଓ ଶୁଭ୍ରାଂଶୁ ସାହୁ ପଦଯାତ୍ରାକୁ ସ୍ୱାଗତ କରିଥିଲେ। ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବିଡିଓ ସାହୁ, ସିଡିପିଓ ଲକ୍ଷ୍ମୀମଣି ସିଂ, ଗ୍ରାମାଞ୍ଚଳ ଆଇଆଇସି ପଦ୍ମାଳୟା ପ୍ରଧାନ, ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ବ୍ଲକ ଜୀବିକା ମିଶନ ସଂଯୋଜିକା ସସ୍ମିତା ରାଉତ ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବାର ବ୍ୟାବସ୍ଥା ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଶ୍ରୀରାମ ମନ୍ଦିରଠାରୁ ବାହାରି ପୌର ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶହ ଶହ ମହିଳା ସୁଭଦ୍ରା ବ୍ୟାନର ଓ ପ୍ଲାକାର୍ଡ ଧରି ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଆଇଆଇସି ସୁଶାନ୍ତ ସାହୁ, ସିଏମ୍‌ଏମ୍ ମାମିନି ପଣ୍ଡା, ସରୋଜ ପଣ୍ଡା, ହୃଷୀକେଶ ନାଥ, ପ୍ରଫୁଲ୍ଲ ଦାଶ ପ୍ରମୁଖ ପୌର କର୍ମଚାରୀ, କାଉନସିଲର, ଏସ୍‌ଏଚଜି ସଦସ୍ୟା ପ୍ରମୁଖ ସାମିଲ ହୋଇଥିଲେ।


କେନ୍ଦ୍ରାପଡ଼ାଠାରେ ସୁଭଦ୍ରା ଯୋଜନା ପଦଯାତ୍ରାରେ ଯୋଗ ଦେଇଥିବା ରାଜନେତା, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।





ଆଳି, ଡେରାବିଶ, ରାଜନଗର ଓ ପଟ୍ଟାମୁଣ୍ଡାଇଠାରେ ଅନୁଷ୍ଠିତ ସୁଭଦ୍ରା ପଦଯାତ୍ରା ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ ମହିଳା ଓ ପୁରୁଷମାନେ।

**ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠିଲା**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ): ଶାରଦୀୟ ଦୁର୍ଗା ପୂଜା ପାଇଁ ପବିତ୍ର ସୁନିଆ ଅବସରରେ ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରେ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଇ ଶୁଭ ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ତଳାପଡ଼ିଆରେ ଏହାର ଶୁଭାରମ୍ଭ କରାଯାଇଛି। ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଇ ପୂଜାର୍ଚ୍ଚନା ପରେ ମେଢ଼ ଶୁଭ ଦିଆଯାଇଛି। ଏଥିରେ ପୂଜକ ଶ୍ରୀବନ୍ତ ପଣ୍ଡା ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।

# କର୍ମଚାରୀ ଅଭାବ: ଯୋଜନା କାର୍ଯ୍ୟକାରୀରେ ଅନ୍ତରାୟ

**ପଟ୍ଟାମୁଣ୍ଡାଇ, ୧୫।୯ (କଳ୍ପତରୁ ନାୟକ)**



ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟ।

ଭାଜପା ସରକାର ପ୍ରଶାସନକୁ ଲୋକାଭିମୁଖୀ କରି ଲୋକମାନଙ୍କ ହିତରେ ଯୋଜନା ପ୍ରଣୟନ କରୁଥିବା କୁହାଯାଉଛି। କିନ୍ତୁ ସରକାର ପ୍ରଣୟନ କରୁଥିବା ଯୋଜନାଗୁଡ଼ିକ ବାସ୍ତବରେ କର୍ମଚାରୀ ଅଭାବରୁ ତଳ ସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଜନସାଧାରଣ କେତେଦୂର ତା'ର ଫାଇଦା ପାଇପାରୁଛନ୍ତି ତା'ର ଅନୁଧ୍ୟାନ କରିବାକୁ କେହି ନାହାନ୍ତି। ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ରହିଥିବା କର୍ମଚାରୀ ଅଭାବ ଯୋଗୁ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ପ୍ରକୃତରେ ଏଠାରେ ପ୍ରଶାସନ ଲୋକମାନଙ୍କର ନିକଟତର ହେଉଛି ନାଁ ଦୂରେଇ ଯାଉଛି। ଏହି ଅସମାହିତ ପ୍ରଶ୍ନକୁ ନେଇ ଜନଆନ୍ଦୋଳନ ପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ପଟ୍ଟାମୁଣ୍ଡାଇରେ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀ ମରୁଡି ପଡ଼ିଥିବା ଦେଖିବାକୁ ମିଳୁଛି। କର୍ମଚାରୀ ଅଭାବରୁ ଲୋକମାନଙ୍କର କୌଣସି କାର୍ଯ୍ୟ ହୋଇପାରୁନାହିଁ। ଯେଉଁ କେତେଜଣ ହାତ ଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡ଼ିକ ଚାଲିଛି ସେମାନେ ମିଟିଂ, ଭିସି ଏବଂ ଫିଲ୍ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଏଥିଯୋଗୁ ଜନସାଧାରଣ ବହୁ ଦୂର ଦୂରାନ୍ତରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆସି କୌଣସି କାର୍ଯ୍ୟ କରି ନ ପାରି ନିରାଶ ମନରେ ଫେରିବାକୁ ବାଧ୍ୟ ହେଉଛନ୍ତି। ପଟ୍ଟାମୁଣ୍ଡାଇର ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଲାଗି ରହିଛି। କୃଷି କାର୍ଯ୍ୟାଳୟରେ ଜଣେ ଏଏଓଙ୍କ ସମେତ ୫ରୁ ଅଧିକ ଭିଏଡବ୍ଲ୍ୟୁ ପଦବୀ ଖାଲି ପଡ଼ିଛି। ଫଳରେ କୃଷି କାର୍ଯ୍ୟ ବ୍ୟାହତ ହେଉଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ, ଜଳସମ୍ପଦ ବିଭାଗରେ ଏସ୍‌ଡିଓ ଏବଂ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ପୂର୍ତ୍ତ ବିଭାଗରେ ୨ ଜଣ କନିଷ୍ଠ ଯନ୍ତ୍ରୀ ବଦଳରେ ଜଣେ ଯନ୍ତ୍ରୀ ଆଳି, ପଟ୍ଟାମୁଣ୍ଡାଇ ଦାୟିତ୍ୱରେ ଅଛନ୍ତି। ସେଥିନେଇ ଉନ୍ନତିମୂଳକ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଅଗ୍ନିଶମ କାର୍ଯ୍ୟାଳୟରେ ନିଯୁକ୍ତି ଅନୁସାରେ କର୍ମଚାରୀ ନାହାନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ କର୍ମଚାରୀ ନ ଥିବାରୁ କାର୍ଯ୍ୟରେ ବ୍ୟାହତ ସୃଷ୍ଟି ହେଉଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ କୌଣସି ସ୍ପେଶାଲିଷ୍ଟ ନ ଥିବାବେଳେ ୮ଜଣ ସର୍ଜନଙ୍କୁ ନେଇ ଚାଲିଛି। ପେଡିଆଟ୍ରିକ୍, ଅର୍ଥୋପେଡିକ ଓ ମେଡିସିନ ପ୍ରଭୃତି ବିଭାଗର ସ୍ପେଶାଲିଷ୍ଟ ନ ଥିବା ଯୋଗୁ ଲୋକେ ଚିକିତ୍ସା କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ନ ଥିବା ଯୋଗୁ ପ୍ରସୂତିମାନଙ୍କୁ ନର୍ସମାନଙ୍କ ସହଯୋଗରେ ପିଲା ଜନ୍ମ କରାଯାଉଥିବା ଅଭାବନୀୟ ଚିତ୍ର ଦେଖିବାକୁ ମିଳୁଛି। ଏଏନ୍‌ଏମ୍, ଷ୍ଟାଫ ନର୍ସ, ଅଟେଣ୍ଡାଣ୍ଟ ଏବଂ କୁକ୍ ପଦବୀ ଖାଲି ପଡ଼ୁଛି। ଏତଦ୍‌ବ୍ୟତୀତ ପଟ୍ଟାମୁଣ୍ଡାଇ ବ୍ଲକର ୫ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ କେଉଁଠି ଡାକ୍ତର ନାହାନ୍ତି ତ କେଉଁଠାରେ ଫାର୍ମାସିଷ୍ଟ, ଷ୍ଟାଫନର୍ସ କିମ୍ବା ଆଟେଣ୍ଡାଣ୍ଟ ନାହାନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକରେ ୭ ଜଣ ପିଆଇଓ, ୩ ଜଣ ପଞ୍ଚାୟତ ଯୋଗାଣ ସହାୟକ, ଗୋଟିଏ ଆକାଉଣ୍ଟ ଅଫିସର, ଜଣେ ପିଆଇଓ ଓ ବିଏସ୍‌ଏସ୍‌ଓ ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡ଼ିଛି। ସେହିପରି ପଟ୍ଟାମୁଣ୍ଡାଇ ତହସିଲରେ ୬ ଜଣ କିରାଣି, ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ଆଇନ ଶୃଙ୍ଖଳା କ୍ଷେତ୍ରରେ ଅସୁବିଧା ଦେଖାଦେଉଛି। ଏହି ଥାନା ଅଧୀନରେ ଥିବା ଚଉଦକୁଲାଟ ଫାଣ୍ଡିରେ କର୍ମଚାରୀ ଅଭାବରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗ୍ରାମାଞ୍ଚଳ ଥାନା ଅଧୀନରେ ଅଧିକ ଗ୍ରାମ ରହିଥିବାରୁ କର୍ମଚାରୀ ଅଭାବରେ କାମ କରିବା ବହୁତ କଷ୍ଟକର ହୋଇପଡୁଛି। ସେହିପରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ବହୁ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷାଧିକାରୀ ଅଧୀନ ବିଭିନ୍ନ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଫଳରେ ସରକାରଙ୍କର କର୍ମଚାରୀ ଛଟେଇ ନୀତି ଯୋଗୁ ପ୍ରଶାସନ ଏବେ ଲୋକମାନଙ୍କ ପାଖରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ବିଡିଓ ସୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ କେତେଜଣ ହାତଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡ଼ିକ ଚାଲିଛି। ସେମାନେ ମିଟିଂ, ଭିସି ଏବଂ ଫିଲ୍ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ବୋଲି ସେ କହିଛନ୍ତି।

## କେନ୍ଦ୍ରାପଡ଼ା ଜିଲା ଓଷ୍ଟାର ନବମ ସାମ୍ବିଧାନିକ ସମ୍ମିଳନୀ




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

**ଡେରାବିଶ, ୧୫।୯ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଓଷ୍ଟାର ଜିଲାସ୍ତରୀୟ ନବମ ସାମ୍ବିଧାନିକ ସମ୍ମିଳନୀ ଡେରାବିଶ ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତସ୍ଥିତ ଜିଲା ସଂସ୍କୃତି ଭବନରେ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ଜିଲା ସଭାପତି ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଏହି ଦିନିକିଆ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ 'ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ଓ ସମସ୍ୟା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଓଷ୍ଟା ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଯୋଗଦେଇଥିଲେ। ଅତିଥି ଭାବେ ରାଜ୍ୟ ଓଷ୍ଟା କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ପାଦକ ପ୍ରଣବ କୁମାର ଜେନା, ନିର୍ମଳ କୁମାର ଜେନା, ସହସମ୍ପାଦକ ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାପାତ୍ର, ଶିକ୍ଷକ ନେତା ତ୍ରୈଲୋକ୍ୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଥିସହ ଶିକ୍ଷା ବ୍ୟବସ୍ଥାକୁ କିପରି ସୁଦୃଢ଼ କରାଯିବ ସେ ନେଇ ସରକାର ଶିକ୍ଷକମାନଙ୍କ ସମସ୍ୟାର ପ୍ରତି ଦୃଷ୍ଟି ଦେଇ ସମାଧାନ ଦିଗରେ ଉଦ୍ୟମ କରିବା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ସମ୍ପାଦକ ନିର୍ମଳ କୁମାର ନାୟକ ସମ୍ପାଦକୀୟ ବିବରଣୀ ସହ ୩ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଚିଟିକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ସଂଘ କର୍ମକର୍ତ୍ତା ଭାବେ ସଭାପତି ଅଶୋକ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ବାବାଜୀ ଚରଣ ଦାସ, ଉପସଭାପତି ଭାବେ ସଞ୍ଜୟ କୁମାର ସାମଲ, ବିଚିତ୍ର କୁମାର ସାହୁ ଓ ରୀନା ରାଉତଙ୍କୁ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ଭାବେ ଭଗବାନ ସାହୁ ଏବଂ ଯୁଗ୍ମ ସମ୍ପାଦକ ଭାବେ ଚିଟିକାନ୍ତ ନାୟକ, ଅଲେଖ ଚନ୍ଦ୍ର ମହାନ୍ତି ଓ ସରୋଜିନୀ ସ୍ୱାଇଁଙ୍କୁ ମନୋନିତ କରାଯାଇଥିଲା। ସେହିପରି ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଆଦିକନ୍ଦ ସାହୁ, ସନ୍ତୋଷ କୁମାର ବରାଳ, ମହେଶ୍ୱର ସାହୁ, ରବୀନ୍ଦ୍ର କୁମାର ଦାସ ଏବଂ ସଦସ୍ୟ ଭାବେ ମଧୁଛନ୍ଦା ନାଥଶର୍ମା, ବିଜନ କୁମାର ନାୟକ, ବିଶ୍ୱଜିତ ଦାସ, ଶିବ ପ୍ରସାଦ ବଳ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା।

## ବିଚାରଧାରା ପ୍ରବାହିତ ଯାଏ ବ୍ୟକ୍ତି ମରେ ନାହିଁ



ସଭାରେ ଯୋଗ ଦେଇଥିବା ଅତିଥିମାନେ।

**କେନ୍ଦ୍ରାପଡା, ୧୫।୯ (ଜଗନ୍ନାଥ ଧଳ)**

ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ। ତେବେ ବିଚାରଧାରା ସମାଜରେ ପ୍ରବାହିତ ହେଉଥିବା ଯାଏ କୌଣସି ବ୍ୟକ୍ତି ମରି ନ ଥାଏ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳଙ୍କ ୪ର୍ଥ ଶ୍ରାଦ୍ଧ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ଦେଇଛନ୍ତି। ସହରର ଗରାପୁରସ୍ଥ କପାଳେଶ୍ୱର ପଞ୍ଚାୟତ ରାଜୀବ ସେବା କେନ୍ଦ୍ରରେ ଅନାମବନ୍ଧୁ ଧଳ ସ୍ମୃତି କମିଟିର ଆବାହକ ଧୀରେନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଗଣେଶ୍ୱର ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ଯୁବ ବିଜେଡି ସଭାପତି ରାଜେଶ ଦାସ, ଯୁବନେତା ରାଜେଶ ପଣ୍ଡା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ମମତାରାଣୀ ଧଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ସ୍ମୃତି ଚାରଣ କରିଥିଲେ। ସେମାନେ କହିଥିଲେ, ସାଧାରଣ ଲୋକଙ୍କ ସହ ରହି ରାଜନୈତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ୟାର ସମାଧାନ କରିବା ଏତେ ସହଜ ନୁହେଁ। ପ୍ରତ୍ୟେକ ଦିନ ନୂଆ ସମସ୍ୟାର ସମ୍ମୁଖୀନ ହେବା ସହ ଏହାର ସମାଧାନ କରିବାକୁ ପଡ଼ିବ। ଏଥିପାଇଁ କେବଳ ପଦବୀ ନୁହେଁ, ଲୋକଙ୍କ ସମସ୍ୟା ଶୁଣିବାକୁ ଧୈର୍ଯ୍ୟ ଆବଶ୍ୟକ। ଏହି ଗୁଣ ସ୍ୱର୍ଗତ ଧଳଙ୍କ ନିକଟରେ ଥିଲା। ଏହି ଅବସରରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅସିତବନ୍ଧୁ ଧଳ, ବିଜୟ କୁମାର ମଣ୍ଡଳ, ସାହେବସାହିଲ ରାଉତ, ବଳଭଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଦୁରବସ୍ଥା ମଧ୍ୟରେ ବେଣୀପୁର ବିରୂପା ସେତୁ

**ଡେରାବିଶ, ୧୫।୯ (ବେବର୍ତ୍ତା ଅଜୟ ଦାସ)**

### ବାହାରି ଯାଉଥିବା ରଡ଼ ପାଇଁ ଯାତାୟାତ ବାଧାପ୍ରାପ୍ତ



କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାକୁ ସଂଯୋଗ କରୁଥିବା ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର-ବାଲିକୁଦା ଗ୍ରାମ୍ୟ ଉନ୍ନୟନ ରାସ୍ତାର ବେଣୀପୁରଠାରେ ଥିବା ବିରୂପା ସେତୁର କେତେକ ସ୍ଥାନରେ କଂକ୍ରିଟ ଉଠି ରଡ଼ ବାହାରି ପଡ଼ିଛି। ଯେଉଁଥିପାଇଁ ସେତୁ ଦେଇ ଯାତାୟାତ କରୁଥିବା ଯାନବାହନ ସମେତ ପଥଚାରୀମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହି ରାସ୍ତାଟି ଉଭୟ ଜିଲାର ମୁଖ୍ୟ ରାସ୍ତା ହୋଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବେଣୀପୁରଠାରେ ବିରୂପା ନଦୀ ଉପରେ ସେତୁ ନିର୍ମାଣ କରାଯାଇଥିଲା। ଯେଉଁ ସେତୁକୁ ୨୦୧୩ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଇତିମଧ୍ୟରେ ସେତୁ ନିର୍ମାଣକୁ ୧୧ବର୍ଷ ବିତି ଯାଇଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ଅଭାବରୁ ସେତୁର ଉପର ଭାଗର ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠିଯାଇ ଲୁହା ରଡ଼ ପଦାକୁ ବାହାରି ପଡ଼ିଛି। ଯାହାଫଳରେ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧା ଭୋଗିବା ସହ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନେଇ ବେଣୀପୁର ଗ୍ରାମର ସୁଦୀପ୍ତ କୁମାର କହିଛନ୍ତି। ସୁଦୀପ୍ତଙ୍କ କହିବା ଅନୁଯାୟୀ, ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ମାତ୍ର ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ତେବେ ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳଙ୍କୁ ପଚାରିବାରେ ଏହି ସେତୁର ମରାମତି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର କର୍ତ୍ତୃପକ୍ଷଙ୍କୁ ଏକ ବୈଷୟିକ ଟିମ୍ ପଠାଇ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଛି। ଖୁବ୍‌ଶୀଘ୍ର ଏହି ବୈଷୟିକ ଟିମ୍ ଆସି ସେତୁକୁ ତଦାରଖ କରିଯିବା ପରେ ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠିଲା

**ରାଜନଗର, ୧୫।୯ (ଭାସ୍କର ରାଉତରାୟ)**

ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ମା'ଦୁର୍ଗାଙ୍କ ଆଗମନ ପାଇଁ ରାଜନଗର ଏବେ ଚଳଚଞ୍ଚଳ ହୋଇ ଉଠିଛି। ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ରବିବାର ପବିତ୍ର ସୁନିଆ ତିଥିରେ ହଂସୁଆ ନଦୀରୁ ମାଟି ଉଠାଯାଇଛି। ରାଜନଗର ଦେବୀ ଘରୁ ପାରମ୍ପାରିକ ବାଦ୍ୟ ସହ ପଣ୍ଡିତ ବିଜୟ କୁମାର ନନ୍ଦଙ୍କ ନେତୃତ୍ୱରେ ମନମୋହନ ମିଶ୍ର, ପ୍ରମୋଦ କୁମାର ପାଣି, ସୂର୍ଯ୍ୟ ନାରାୟଣ ମିଶ୍ର, ରଜନୀକାନ୍ତ ଦେବତା, ପ୍ରଦୀପ୍ତ ମିଶ୍ର, ପ୍ରମୁଖ ନଦୀ କୂଳରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିମନ୍ତେ ମାଟି ଉଠାଯାଇଥିଲା। ମାଟିକୁ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଦେବୀ ଘରକୁ ଅଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗା ପୂଜା କମିଟିର ସଭାପତି ତଥା ଆଇଆଇସି ଅଜୟ କୁମାର ଜେନା, ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର କୁମାର ମହାପାତ୍ର, ଅକ୍ଷୟ କୁମାର ନାୟକ, ବିଜୟ କୁମାର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗଳିଦାଣ୍ଡର ମା'ବନଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ହଂସୁଆ ନଦୀରୁ ମାଟି ଉଠାଯାଇଛି। ପୂଜକ ରବି ନାରାୟଣ ପତି, ବୈକୁଣ୍ଠ ରଥ ପ୍ରମୁଖ ନଦୀ କୂଳରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମାଟି ଉଠାଯାଇଥିଲା।

## ସୁଭଦ୍ରା ପଦଯାତ୍ରା ବେଳେ ୨ ମହିଳା ଆହତ

**ଆଳି, ୧୫।୯ (ବନମାଳୀ ସେନାପତି)**

ଆଳି ବ୍ଲକରେ ରବିବାର ସୁଭଦ୍ରା ସ୍ୱାଗତ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ମହିଳାମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ। ଏଥିରେ ସାମିଲ ହୋଇଥିବା ବାଳକାଟି ଗ୍ରାମର ଏସ୍‌ଏଚଜିର ସଦସ୍ୟା ପ୍ରମିଳା ମଲିକ ପଦଯାତ୍ରାରେ ଯାଉଥିବା ବେଳେ ଏକ ଅଟୋ ତାଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ତାଙ୍କ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ସ୍ୱାସ୍ଥ୍ୟକର୍ମୀମାନେ ସଙ୍ଗେସଙ୍ଗେ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ସେହିପରି ଆଇସିଡିଏସ ବିଭାଗର ସୁପରଭାଇଜର ଉର୍ମିଳା ବେହେରା ମଧ୍ୟ ଭିଡ଼ ମଧ୍ୟରେ ପଡ଼ି ଯାଇ ତାଙ୍କର ଗୋଡ଼ ଭାଙ୍ଗି ଯାଇଛି। ଉଭୟଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦିଆଯାଇଛି।

## ଅଗ୍ନି ବିପନ୍ନଙ୍କୁ ସହାୟତା

**ମହାକାଳପଡ଼ା, ୧୫।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତର ସ୍ଥାନୀୟ ବାଙ୍କିଛନ୍ଦା ଗ୍ରାମର ବଳରାମ ବେହେରାଙ୍କ ଗୃହ ୨ ସପ୍ତାହ ପୂର୍ବେ ନିଆଁଲାଗି ବ୍ୟାପକ କ୍ଷତି ହୋଇଥିଲା। ଖବରପାଇ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖାର ରାଜ୍ୟ ତଥା ଜାତୀୟସ୍ତରରେ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିବା ୨ ଯୁବ ସେଚ୍ଛାସେବୀ ଦୀପକ କୁମାର ଚୌଧୁରୀ ଓ ଲକ୍ଷ୍ମଣ ସ୍ୱାଇଁ ରବିବାର ପୂର୍ବାହ୍ନରେ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ରିଲିଫ୍ ସାମଗ୍ରୀ ପ୍ରଦାନ କରିଥିଲେ। ଏହି ଅବସରରେ ଅଗ୍ନି ବିପନ୍ନ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଏହି ଯୁବ ସେଚ୍ଛାସେବୀ ଦୁଃଖ ଦେଖି ମର୍ମାହତ ହୋଇଥିଲେ।

# ସୁଭଦ୍ରା ଯୋଜନା ମହିଳାଙ୍କୁ ସଶକ୍ତ କରିବ

**କେନ୍ଦ୍ରାପଡ଼ା, ୧୫।୯ (ଜଗନ୍ନାଥ ଧଳ)**



କେନ୍ଦ୍ରାପଡ଼ାଠାରେ ସୁଭଦ୍ରା ଯୋଜନା ପଦଯାତ୍ରାରେ ଯୋଗ ଦେଇଥିବା ରାଜନେତା, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ବହୁ ଆଲୋଚିତ ସୁଭଦ୍ରା ଯୋଜନା ସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରା ସହର ଓ ବ୍ଲକସ୍ତରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସହରର ତିନିମୁହାଣୀଠାରେ ଏହି ପଦଯାତ୍ରାକୁ ସମ୍ମାନିତ ଅତିଥି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ସଭାପତି ଲିଲିତା ଦାସ, ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ପୌରାଧ୍ୟକ୍ଷା ସରିତା ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଜିଲା ପରିଷଦ କାର୍ଯ୍ୟାଳୟରେ ଏ ସମ୍ପର୍କରେ ଅନୁଷ୍ଠିତ ସଭାରେ ସୁଭଦ୍ରା ଯୋଜନା ରାଜ୍ୟର ମହିଳାଙ୍କୁ ସଶକ୍ତ କରିବ ବୋଲି ଅତିଥିମାନେ ମତ ରଖିଥିଲେ। ସେମାନେ କହିଥିଲେ, ଯୋଜନାରୁ ମିଳୁଥିବା ଅର୍ଥରେ ଘରର ଆର୍ଥିକ ଓ ସାମାଜିକ ସୁଧାରରେ ମହିଳାମାନେ ଖର୍ଚ୍ଚ କରିବେ। ସ୍ୱଳ୍ପ ଧରଣର ବ୍ୟବସାୟ ଏଥିରେ ହୋଇପାରିବ। ୫ ବର୍ଷ ମଧ୍ୟରେ ଯୋଜନା ମାଧ୍ୟମରେ ୫୦ ହଜାର ଟଙ୍କା ମିଳୁଥିବାରୁ ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପ୍ରେରଣା ମିଳିବ। ଏହି ପଦଯାତ୍ରାରେ ବହୁ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି ସାମିଲ ହୋଇଥିଲେ।

**ରାଜନଗର, (ଭାସ୍କର ରାଉତରାୟ)** ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାକୁ ଆହୁରି ଲୋକାଭିମୁଖୀ କରିବାକୁ ରାଜନଗର ବ୍ଲକ ପ୍ରଶାସନ ପକ୍ଷରୁ ହଂସୁଆ ସେତୁ ନିକଟରୁ ପଦଯାତ୍ରା ବାହାରି ବଜାର ପରିକ୍ରମା କରି ବ୍ଲକ ପରିସରରେ ପହଞ୍ଚିଥିଲା। ବିଡିଓ ନିଶାନ ମିଶ୍ରଙ୍କ ନେତୃତ୍ୱରେ ତହସିଲଦାର ଅଜୟ କୁମାର ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ଜୀବିକା ମିଶନର ସଂଯୋଜକ ରଶ୍ମିରଞ୍ଜନ ଦାଶ, ନିହାର ରଞ୍ଜନ ବେହେରା, ରାଜନଗର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ମିଶନ ଶକ୍ତିର ମହିଳା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀମାନେ ଏହି ପଦଯାତ୍ରାରେ ଯୋଗ ଦେଇଥିଲେ। ଏହି ଅବସରରେ ବିଡିଓ ମିଶ୍ର ସୁଭଦ୍ରା ଯୋଜନାରେ ମହିଳାମାନେ କିଭଳି ଲାଭ ପାଇପାରିବେ ସେ ନେଇ ଉପସ୍ଥିତ ଥିବା ମହିଳାମାନଙ୍କୁ ବୁଝାଇ ଥିଲେ।

**ଡେରାବିଶ, (ବେବର୍ତ୍ତା ଅଜୟ ଦାସ)** ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ମହିଳା ସଶକ୍ତୀକରଣ ପାଇଁ ଆରମ୍ଭ ହେବାକୁ ଥିବା ସୁଭଦ୍ରା ଯୋଜନା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହେବ। ଏହି ଅବସରରେ ରବିବାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଏହି ଯୋଜନାର ସଫଳତା ପାଇଁ ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ଜେନା ଅଧ୍ୟକ୍ଷତା କରି ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେବାକୁଥିବା ସୁଭଦ୍ରା ଯୋଜନାର ବିଭିନ୍ନ ସଫଳତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ସିଡିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ବିପିସି ବିଜୟଲକ୍ଷ୍ମୀ ବେହେରା, ବିପିଏମ୍ ହିମାଂଶୁ ଭଦ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ରହି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସୁଭଦ୍ର ଯୋଜନା କିପରି ସହାୟକ ହେବ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ବହୁ ଏମ୍‌ବିକେ, ସିଆରପି, ବ୍ଲକ ମହିଳା ଓ ଶିଶୁ ବିଭାଗର ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଅଧୀନ ଗୁଆଲସିଂହ ପଞ୍ଚାୟତ ଉଦୟନଗରସ୍ଥିତ ଜିଲା ସଂସ୍କୃତି ଭବନ ନିକଟରୁ ଏକ ସ୍ୱାଗତ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲା। ସେହିପରି ବ୍ଲକ ଅଧୀନ ସମସ୍ତ ପଞ୍ଚାୟତଗୁଡ଼ିକରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଆଳି, (ବନମାଳୀ ସେନାପତି)** ଆଳି ବ୍ଲକରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଳି ନୂଆ ବସ୍‌ଷ୍ଟାଣ୍ଡ ପରିସରରୁ ପଦଯାତ୍ରା ବାହାରି ଆଳି ନୂଆବଜାର ପରିକ୍ରମା କରି ଆଳି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେହିପରି ଆଳି ବ୍ଲକର ୩୪ଟି ପଞ୍ଚାୟତରେ ମଧ୍ୟ ଏହି ସୁଭଦ୍ରା ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବିଡିଓ ମିନତି ଜଗଦ୍ଦେବ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସିଡିପିଓ କାନନବାଳା ପଣ୍ଡା, ମିଶନ ଶକ୍ତି ବିପିସି ମୋନାଲିସା ନାୟକ, ବିପିଏମ ପ୍ରକାଶ ଦାସ, ବିଏଲସି ମନୋରଞ୍ଜନ ପାଇଟଲ, ବିଦ୍ୟୁଦତ୍ତ ବିଶ୍ୱାଳ, ଦୀପକ ମହାନ୍ତିଙ୍କ ସମେତ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ।

**ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ)** ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ପୋଖରୀଆପଡ଼ା ହରପାର୍ବତୀ ମନ୍ଦିରଠାରୁ ବାହାରି ପଟ୍ଟାମୁଣ୍ଡାଇ ବ୍ଲକକୁ ଯାଇଥିଲା। ସେଠାରେ ବିଡିଓ ଶୁଭ୍ରାଂଶୁ ସାହୁ ପଦଯାତ୍ରାକୁ ସ୍ୱାଗତ କରିଥିଲେ। ପରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବିଡିଓ ସାହୁ, ସିଡିପିଓ ଲକ୍ଷ୍ମୀମଣି ସିଂ, ଗ୍ରାମାଞ୍ଚଳ ଆଇଆଇସି ପଦ୍ମାଳୟା ପ୍ରଧାନ, ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ବ୍ଲକ ଜୀବିକା ମିଶନ ସଂଯୋଜିକା ସସ୍ମିତା ରାଉତ ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବାର ବ୍ୟାବସ୍ଥା ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଶ୍ରୀରାମ ମନ୍ଦିରଠାରୁ ବାହାରି ପୌର ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଶହ ଶହ ମହିଳା ସୁଭଦ୍ରା ବ୍ୟାନର ଓ ପ୍ଲାକାର୍ଡ ଧରି ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଆଇଆଇସି ସୁଶାନ୍ତ ସାହୁ, ସିଏମ୍‌ଏମ୍ ମାମିନି ପଣ୍ଡା, ସରୋଜ ପଣ୍ଡା, ହୃଷୀକେଶ ନାଥ, ପ୍ରଫୁଲ୍ଲ ଦାଶ ପ୍ରମୁଖ ପୌର କର୍ମଚାରୀ, କାଉନସିଲର, ଏସ୍‌ଏଚଜି ସଦସ୍ୟା ପ୍ରମୁଖ ସାମିଲ ହୋଇଥିଲେ।








ଆଳି, ଡେରାବିଶ, ରାଜନଗର ଓ ପଟ୍ଟାମୁଣ୍ଡାଇଠାରେ ଅନୁଷ୍ଠିତ ସୁଭଦ୍ରା ପଦଯାତ୍ରାରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ, ମହିଳାପୁରୁଷମାନେ।

## ସଂକ୍ଷେପରେ

### ରଷିକୁଲ୍ୟାରେ ବୁଡ଼ି ବୃଦ୍ଧ ନିଖୋଜ

ଛତ୍ରପୁର,୧୫।୯ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ)

ଛତ୍ରପୁର ଥାନା ଅନ୍ତର୍ଗତ ମୁନିସିପେଣ୍ଠ ନିକଟ ରଷିକୁଲ୍ୟା ନଦୀ କଂସାରୀଗଣ୍ଡକୁ ରବିବାର ଗାଧୋଇବାକୁ ଯାଇ ଜଣେ ବୃଦ୍ଧ ନିଖୋଜ ହୋଇଛନ୍ତି। ସେ ହେଲେ ମୁନିସିପେଣ୍ଠ ଗ୍ରାମର ଭଗବାନ ହାତୀ। ସକାଳେ କଂସାରୀଗଣ୍ଡକୁ ଗାଧେଇବାକୁ ଯାଇଥିବା ବେଳେ କୌଣସି କାରଣବଶତଃ ଭଗବାନ ପାଣିରେ ବୁଡି ଯାଇଛନ୍ତି । ଖବରପାଇ ଛତ୍ରପୁର ଦମକଳ ବାହିନୀ ଓ ଓଡ୍ରାଫ ଟିମ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ

### ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟତା ସଂଗ୍ରହ ଅଭିଯାନ

ଜି.ଉଦୟଗିରି,୧୫।୯(ଶିଶିର ପଟ୍ଟନାୟକ)

ଭାଜପା ତରଫରୁ ସଦସ୍ୟତା ସଂଗ୍ରହ ଅଭିଯାନ ଚାଲିଛି। ସେହିକ୍ରମରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କନ୍ଧମାଳ ଜିଲାରେ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। କନ୍ଧମାଳ ଭାଜପା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜି.ଉଦୟଗିରି ବ୍ଲକର ଲିଗାଙ୍ଗଡ, ରାଇକଲା, କଟିଙ୍ଗିଆ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ଅଭିଯାନ ହୋଇଛି। ଅଭିଯାନରେ ନାରୀନେତ୍ରୀ ସତ୍ୟଭାମା ପ୍ରଧାନ, ଭାଜପା ନେତା ରାମଦେବ ପ୍ରଧାନ, କୈଳାଶ ପ୍ରଧାନ, ରମଣ ପ୍ରଧାନ, କୃତିବାସ ପ୍ରଧାନ ଯୋଗ ଦେଇଥିଲେ।

### ଚେନ୍ନାଇରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଚିକିଟି,୧୫।୯ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ସୋରଳ ଗ୍ରାମର ଡୁଙ୍ଗାସାହିର ଜଣେ ଦାଦନ ଶ୍ରମିକଙ୍କ ଚେନ୍ନାଇରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ସୋରଳ ଗ୍ରାମର ରାମଚନ୍ଦ୍ର ବେହେରା (୪୦)। ରାମଚନ୍ଦ୍ର ଦୀର୍ଘ ୧୦ବର୍ଷ ହେଲା ପରିବାର ପ୍ରତିପୋଷଣ ପାଇଁ ଚେନ୍ନାଇର ତେନ୍ନାପେଟ୍ଟା ଥାନା ଅନ୍ତର୍ଗତ ଟି-ନଗରର ମାମଲାମରେ ଠିକାଦାର ମାଧ୍ୟମରେ ଏକ ଫ୍ଲାଟରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ରବିବାର ଭୋରରୁ ବାଲିଗୋଡ଼ି ଉଠାଯାଉଥିବା ବେଳେ ଲିଫ୍ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ଛିଡିପଡିବାରୁ ସେଥିରେ ଜିନିଷ ଉଠାଉଥିବା ରାଜମିସ୍ତ୍ରି ରାମଚନ୍ଦ୍ର ୫ ମହଲାରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ମେଡିକାଲକୁ ନେଇଥିଲେ ସୁଦ୍ଧା ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭାଜପାର ବୁଥସ୍ତରୀୟ ସଦସ୍ୟତା ଗ୍ରହଣ କର୍ମଶାଳା

ଚିକିଟି,୧୫।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମସ୍ଥିତ ଗାନ୍ଧୀକୃଷ୍ଣମୂର୍ତ୍ତି କଳିଙ୍ଗ ବୈଶ୍ୟ ଭବନରେ ରବିବାର ଭାଜପାର ବୁଥସ୍ତରୀୟ ସଦସ୍ୟ ଗ୍ରହଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲା ସଭାପତି ଡା. ସୁବାସ ଚନ୍ଦ୍ର ସାହୁ, ଉପସଭାପତି ପରେଶ ରଥ ଏବଂ ୭ ନଂ.ବୁଥସ୍ତରୀୟ ମଣ୍ଡଳ ସଭାପତି ଜି. ସୁନିନାରାୟଣ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରସ୍ତୁତ ମୋବାଇଲ ଆପ୍ ମାଧ୍ୟମରେ କିପରି ସଦସ୍ୟତା ସୃଷ୍ଟି କରାଯାଇପାରିବ ସେ ଉପରେ ତାଲିମ ଦେଇଥିଲେ। ଗଡ଼ଗୋବିନ୍ଦପୁର ପୂର୍ବତନ ସରପଞ୍ଚ ହରିବନ୍ଧୁ ରେଡ୍ଡି, ଚିକିଟି ଏନ୍ଏସି ପ୍ରଭାରୀ ଏସ୍ ନାଗଭୂଷଣଙ୍କ ସହ ବୁଥର ମଣ୍ଡଳସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମେଘୁଆ ପରିବେଶରେ ମେଘ ଉତ୍ସବ ଅନନ୍ୟ

ଦାରିଙ୍ଗବାଡି,୧୫।୯ (ଅରୁଣ ସାହୁ)



ଅତିଥିଙ୍କ ଗହଣରେ ଉପସ୍ଥିତ ଥିବା ସମ୍ବର୍ଦ୍ଧିତ ପ୍ରତିଭା।

## ଦାରିଙ୍ଗବାଡ଼ିରେ ମେଘ ଉତ୍ସବ

### ରବୀନ୍ଦ୍ର ନାଥ ମିଶ୍ରଙ୍କୁ ବନାନୀ ସାରସ୍ୱତ ସମ୍ମାନ, ସୁରଞ୍ଜନ ପାତ୍ରଙ୍କୁ ବନାନୀ କବିତା ସମ୍ମାନ

କନ୍ଧମାଳ ଜିଲା ଦାରିଙ୍ଗବାଡିସ୍ଥିତ ଏକ କଲ୍ୟାଣ ମଣ୍ଡପରେ ରବିବାର 'ମେଘ ଉତ୍ସବ-୨୦୨୪' ଅନୁଷ୍ଠିତ ହୋଇଛି। ବନାନୀ ସାରସ୍ୱତ ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଭାପତି ପତିତପାବନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିଦେଶୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରଶାସନିକ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ଗାଳ୍ପିକ ଡ. ରାଜେନ୍ଦ୍ର ବେହେରା, ଅଧ୍ୟାପିକା ଡ. ମମତା ପ୍ରିୟଦର୍ଶିନୀ, ପ୍ରାଧ୍ୟାପିକା ଡ. ନଳିନୀ ପାଣିଗ୍ରାହୀ, ନାଟ୍ୟକାର ତଥା କବି ପ୍ରଧାନୀ ବୃନ୍ଦାବନ ମହାପାତ୍ର ଉପସ୍ଥିତ ଥିଲେ। ଦାରିଙ୍ଗବାଡିର ପରିବେଶ ସର୍ବଦା କବି ଲେଖକଙ୍କୁ ଆନମନା କରିଥାଏ। ପର୍ଯ୍ୟଟକଙ୍କୁ ନିଜ ଆକର୍ଷଣରେ ବାନ୍ଧି ରଖେ ଦାରିବାଡି। ଦାରିଙ୍ଗବାଡିର ମେଘୁଆ ପରିବେଶରେ ମେଘ ଉତ୍ସବ ଅନନ୍ୟ ବୋଲି ଅତିଥିମାନେ ଦାରିଙ୍ଗବାଡିର ପ୍ରକୃତିକୁ ପ୍ରଶଂସା କରି କହିଥିଲେ। ଏହି ଅବସରରେ ବିଡିଓ ପାତ୍ରଙ୍କ ଶିଶୁ ସାହିତ୍ୟ ପୁସ୍ତକ 'ଫୁଲ କଢ଼ି'ର ସମୀକ୍ଷା ଅଧ୍ୟାପିକା ଡ. ମମତା ପ୍ରିୟଦର୍ଶିନୀ ସାହୁ କରିଥିଲେ। ସେହିପରି କବି ପତିତପାବନ ରାଉତଙ୍କ ପୁସ୍ତକ 'ଅନେକ ଖୋଜିଲା ପରେ' ପ୍ରାଧ୍ୟାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ଓ କବି ବିଦେଶୀ ନାୟକଙ୍କ କବିତା 'ମୁଗ୍ଧ ଅନ୍ଧକାର'କୁ ପ୍ରାଧ୍ୟାପକ ଡ. ନଳିନୀ ପାଣିଗ୍ରାହୀ ସମୀକ୍ଷା କରିଥିଲେ। ବନାନୀ ସାରସ୍ୱତ ସମ୍ମାନ ଫୁଲବାଣୀର ଆଇନଜୀବୀ ତଥା କବି ରବୀନ୍ଦ୍ରନାଥ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ବନାନୀ କବିତା ସମ୍ମାନ ବାଲେଶ୍ୱରର ସୁରଞ୍ଜନ ପାତ୍ର, ଲୋକ ସାହିତ୍ୟ ସମ୍ମାନ ଗଞ୍ଜାମର ପ୍ରହ୍ଲାଦ ବେହେରା, ଭ୍ରମଣ ସାହିତ୍ୟ ସମ୍ମାନ ବିଡିଓ ଗଦାଧର ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପ୍ରକାଶନ ସାହିତ୍ୟ ସମ୍ମାନ ପୁରୀର ଉମାକାନ୍ତ ମହାପାତ୍ର, ଆଲୋଚନା ସାହିତ୍ୟ ସମ୍ମାନ ସୁନ୍ଦରଗଡ଼ର ଡ. ମମତା ପ୍ରିୟଦର୍ଶିନୀ ସାହୁ, ସାହିତ୍ୟ ସଙ୍ଗଠକ ଭାବେ ନୟାଗଡ଼ର ଶେଖ ଅବଦୁଲ ଖାଲିକ, କଥା ସାହିତ୍ୟ ସମ୍ମାନ ଧ୍ରୁବ ଚରଣ ଘିବେଲା, ଶିଶୁ ସାହିତ୍ୟିକ ଅକ୍ଷୟ ମଲିକ, ସଂଯୋଜନା ସାହିତ୍ୟ ସମ୍ମାନ ଡ. ଗୀତାଶ୍ରୀ ପ୍ରିୟମ୍ବଦା ଏବଂ ଆଞ୍ଚଳିକ ଭାଷା ସାହିତ୍ୟ ସମ୍ମାନରେ ଗୋଛାପଡାର ମୋହନ ଦିଗାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ମହାନ୍ତି, ବ୍ୟଙ୍ଗକବି ପ୍ରତାପ ସାହୁ, ନୀଳିମା ନନ୍ଦ, ଜ୍ୟୋତ୍ସ୍ନାମୟୀ ନାୟକ,ସଂଘମିତ୍ରା ସ୍ୱାଇଁ, ଗୋପୀନାଥ ପରିଡ଼ା, ଦେବେନ୍ଦ୍ର ପରମ ଗୁରୁ, ବନବିହାରୀ ନନ୍ଦ, ପ୍ରସନ୍ନ ପଣ୍ଡା, ତୁମୁଡିବନ୍ଧ କଲେଜ ଅଧ୍ୟକ୍ଷ ବିଶ୍ୱେଶ୍ୱର ଆଚାର୍ଯ୍ୟ, ଅଭିମନ୍ୟୁ ରାୟଗୁରୁ, ରବୀନ୍ଦ୍ର ରଥ ପ୍ରମୁଖ ପଠିତ କବିତାଗୁଡିକର ସମୀକ୍ଷା କରିଥିଲେ।

# ଭଞ୍ଜନଗର ମେଡିକାଲରୁ ୫-ଟି ହୋର୍ଡିଂ ହଟିଲା

ଭଞ୍ଜନଗର,୧୫।୯ (ବାବୁଲା ପ୍ରଧାନ)

### ଆକ୍ସନ ମୁଡରେ ବିଧାୟକ

ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ କିଛିଦିନ ହେଲା ଆକ୍ସନ ମୁଡରେ ଥିବା ଲକ୍ଷ୍ୟ କରାଯାଉଛି । ରବିବାର ସନ୍ଧ୍ୟାରେ ବିଧାୟକ ଅଚାନକ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ୫-ଟି ହୋର୍ଡିଂଗୁଡ଼ିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ତ ହୋର୍ଡିଂଗୁଡ଼ିକୁ ହଟାଯାଇଥିଲା। ରାଜ୍ୟରେ ବିଜେଡି ସରକାର ସମୟରେ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ସହ ବିଭିନ୍ନ ଯୋଜନାର ଶହ ଶହ ହୋର୍ଡିଂ ଲଗାଯାଇଥିଲା। ନିର୍ବାଚନରେ ଭାଜପା ସରକାର କ୍ଷମତାକୁ ଆସିବାର ୩ ମାସ ପରେ ବି ସେସବୁ ହୋର୍ଡି ହଟି ନ ଥିଲା। ତେଣୁ ବିଧାୟକ ତାହାକୁ ହଟାଇବା ବ୍ୟବସ୍ଥା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ଭାଜପାର ନୀଳମାଧବ ପାତ୍ର, ଧୋବା ଗୌଡ଼, ମାନସ ଜେନା, ଆଦିତ୍ୟ ଜେନା, କୁବେର ପ୍ରଦାନ, ନିତ୍ୟାନନ୍ଦ ମହାପାତ୍ର, ସତୀଶ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ନାଟକ ଦ୍ୱାରା ପରିବେଶ ସଚେତନତା



ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଭଞ୍ଜନଗର,୧୫।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଉଦହରୋଡରେ ଥିବା ସେଣ୍ଟ ଆନ୍ସ ଇଂଲିଶ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନେ ପରିବେଶ ସଚେତନତା ପାଇଁ ଅଭିନବ ପ୍ରୟାସ କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସେମାନେ ବାଉଁଶଲୁଣ୍ଡି ପଞ୍ଚାୟତର ବିଭିନ୍ନ ସାହି ପରିକ୍ରମା କରି ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ପରିବେଶ ସୁରକ୍ଷା ଉପରେ ସଚେତନ କରିଥିଲେ। ବାଉଁଶଲୁଣ୍ଡି ସରପଞ୍ଚ ଉଦ୍ଧବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିପ୍ରେମୀ ଶୂଳପାଣି ଶତପଥୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଯମୁନା ଜାନୀ, ସାମାଜିକ କର୍ମୀ ଭଞ୍ଜ କିଶୋର ପ୍ରଧାନ, ଅଜୟ ମଲ୍ଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସିଷ୍ଟର ଶାନ୍ତା କୁମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଶତପଥୀ ଛାତ୍ରୀଛାତ୍ରଙ୍କୁ ପରିବେଶ ସୁରକ୍ଷା, ବୃକ୍ଷଲତାର ଯତ୍ନ, ପ୍ରକୃତିର ସଂରକ୍ଷଣ ଓ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କାଉଟ୍ ଏବଂ ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟ ହୋଇଥିଲା।

# ଛାତ୍ର ସଂସଦ ଶପଥ ଗ୍ରହଣ ଉତ୍ସବ



ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି।

ପାରଳାଖେମୁଣ୍ଡି,୧୫।୯(ଗିରିଧାରୀ ପରିଛା)

### କାଶୀନଗର ବାରଣାସୀ ଉଚ୍ଚ ବିଦ୍ୟାଳୟ

କାଶୀନଗର ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ନେତୃତ୍ୱ ଓ ଦାୟିତ୍ୱ ବିକାଶ ଲକ୍ଷ୍ୟରେ ବିଦ୍ୟାଳୟ ଛାତ୍ର ସଂସଦ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ପୁରାତନ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ଏନଏସି ଉପାଧ୍ୟକ୍ଷ ଜୟରାମ ସାହୁ,ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେ. ନର୍ମଦା କୁମାରୀ ଦାସ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ପାତ୍ର, ଆଞ୍ଚଳିକ ସଂଶାଧନ କେନ୍ଦ୍ର ସଂଯୋଜକ ଆର. ମଧୁକୁମାର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଆବାହକ ପ୍ରଧାନ ଶିକ୍ଷକ ଭାଗୀରଥି ବେହେରା ଓ ସଭାପତି ଶୁଭ୍ରାଂଶୁ ମୋହନ ପଣ୍ଡା ଉତ୍ସବରେ ୩୮ ଜଣଙ୍କୁ କ୍ଲାସ ମନିଟର ଓ ହାଉସ କ୍ୟାପଟେନ ପଦବୀ ଦାୟିତ୍ୱ ଦେବା ସହ ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ସ୍କୁଲ କ୍ୟାବିନେଟ ପଦବୀରେ ଶପଥ ଗ୍ରହଣ କରାଇଥିଲେ। ୨୦୨୪ ବର୍ଷ ପାଇଁ ରବି ଶବର ଦଶମ ଶ୍ରେଣୀ ପ୍ରଧାନମନ୍ତ୍ରୀ, ପି ପବିତ୍ରା ଦଶମ ଶ୍ରେଣୀ ଉପ ପ୍ରଧାନମନ୍ତ୍ରୀ, ବନମାଳୀ ବେହେରା ନବମ ଶ୍ରେଣୀ ଶିକ୍ଷାମନ୍ତ୍ରୀ, ବାପୁଜୀ ଶବର ଦଶମ ଶ୍ରେଣୀ ଶିକ୍ଷା ଉପମନ୍ତ୍ରୀ, ସୁରେଶ ପାତ୍ର ନବମ ଶ୍ରେଣୀ ସଂସ୍କୃତି ସହ ଖେଳ ମନ୍ତ୍ରୀ, ଅବଦ୍ୟା ରାଇତା ଅଷ୍ଟମ ଶ୍ରେଣୀ ସଂସ୍କୃତି ସହ ଖେଳ ଉପମନ୍ତ୍ରୀ, ସୁନିତା ମହାନ୍ତି ନବମ ଶ୍ରେଣୀ ପାଠାଗାର ସହ ପରିବେଶ ମନ୍ତ୍ରୀ, ଏନ. କଳ୍ପନା ନବମ ଶ୍ରେଣୀ ପାଠାଗାର ସହ ପରିବେଶ ଉପମନ୍ତ୍ରୀ, ଗିରି ସୌରା ଅଷ୍ଟମ ଶ୍ରେଣୀ ଖାଦ୍ୟମନ୍ତ୍ରୀ, ସୋନାଲି ଶବର ଖାଦ୍ୟ ଉପମନ୍ତ୍ରୀ, ଜ୍ୟୋତିରାଣୀ ନାୟକ, ଅଷ୍ଟମ ଶ୍ରେଣୀ ସ୍ୱାସ୍ଥ୍ୟମନ୍ତ୍ରୀ, ଜି. ପ୍ରଣୀତ ସପ୍ତମ ଶ୍ରେଣୀ ସ୍ୱାସ୍ଥ୍ୟ ଉପମନ୍ତ୍ରୀ ପଦବୀରେ ଶପଥ ନେଇଥିଲେ।

### ହିନ୍ଦୀ ଦିବସ ପାଳିତ

ଆସିକା,୧୫।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗର ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶ ଡ. ସିଦ୍ଧାର୍ଥ ଶଙ୍କର ପାଢୀ ମୁଖ୍ୟ ଅତିଥି, ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷାର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁଶାନ୍ତ ଦାଶ ସମ୍ମାନିତ ଅତିଥି ଏବଂ ହିନ୍ଦୀ ଶିକ୍ଷକ ପ୍ରଭାତ ଗୌଡ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ହିନ୍ଦୀ ବିଭାଗର ଅଧ୍ୟାପକ ରାଜେଶ ସାହୁ ଅତିଥି ପରିଚୟ ଓ ଅଧ୍ୟାପିକା ଜିନତ ସାବା ସ୍ୱାଗତ ସୂଚନା ଦେଇଥିଲେ । ଭାରତବର୍ଷରେ ପ୍ରାଦେଶିକ ସମ୍ପର୍କ ତଥା ଭାଷା ସୂତ୍ରରେ ଅଖଣ୍ଡତାକୁ କେବଳ ହିନ୍ଦୀ ଭାଷା ହିଁ ବଜାୟ ରଖିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୀ ଦିବସ ଲାଗି ଆୟୋଜିତ ନିବନ୍ଧ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗର ଯୁକ୍ତ ୩ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

### ଟ୍ରକ୍ ଚୋରି ଅଭିଯୋଗ

ଗୋପାଳପୁର,୧୫।୯(ନବୀନ ରାଜ ଆଚାରୀ)

ଶନିବାର ବିଳମ୍ବିତ ରାତିରେ ଏକ ଟ୍ରକ୍‌କୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ରବିବାର ଗୋଲନ୍ଥରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ବିଏନ୍‌ପୁର ଥାନା ଅନ୍ତର୍ଗତ ଜ୍ୟୋତିନଗର ଦ୍ୱିତୀୟ ଲାଇନର ନିବାସୀ ସୁଜିତ ତ୍ରିପାଠୀଙ୍କ ଏକ ଟ୍ରକ୍(ନଂ ଓଡି ୦୭ ଜେଡ-୩୦୭୦)କୁ ରାତିରେ ଚାଳକ ହଳଦିଆପଦର ନିକଟରେ ପାର୍କିଂ କରି ଘରକୁ ଫେରି ଯାଇଥିଲେ। ରବିବାର ସକାଳେ ଚାଳକ ପାର୍କିଂସ୍ଥଳକୁ ଯାଇ ଦେଖିବା ସମୟରେ ଟ୍ରକଟି ନ ଥିଲା। ଥାନାରେ ଅଭିଯୋଗ କରାଯାଇ ଥିଲା। କେସ୍ ନଂ. ୩୬୮/୨୪। ଚୋରି ଟ୍ରକକୁ ଖୋର୍ଦ୍ଧା ଜଙ୍କିଆ ନିକଟରେ ଠାବ ହୋଇଛି।

# ୩ ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସହାୟତା ପାଇଁ ଦରଖାସ୍ତ



ତହସିଲଦାର ଦରଖାସ୍ତ ଗ୍ରହଣ କରୁଛନ୍ତି।

ଦାରିଙ୍ଗବାଡି,୧୫।୯(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ୩ଜଣ ଛାତ୍ରୀଛାତ୍ର ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବାଡାବାଙ୍ଗା ପଞ୍ଚାୟତ ଗର୍ଜେଡି ଗ୍ରାମର ଲୀପ୍ସା ପ୍ରଧାନ, ସିଆଙ୍ଗବାଲି ପଞ୍ଚାୟତ ସବେରଙ୍ଗା ଗ୍ରାମର କଳାକାର ପ୍ରଧାନ ଏବଂ ଦାସିଙ୍ଗବାଡି ପଞ୍ଚାୟତ ତାଡିମାହା ଗ୍ରାମର ସନାତନ ପ୍ରଧାନ ବିନା କୋଚିଂରେ ଏହି ପରୀକ୍ଷାରେ ସଫଳତା ପାଇଛନ୍ତି। ଆର୍ଥିକ ପରିସ୍ଥିତି ଭଲ ନ ଥାଇ ମଧ୍ୟ ସେମାନେ ଡାକ୍ତରୀ ପଢ଼ିବେ, ସେ ନେଇ ପରିବାର ଚିନ୍ତିତ ରହିଥିବା ବେଳେ ରାଜ୍ୟ ସରକାରଙ୍କୁ ସହାୟତା ପାଇଁ ଏହି ଛାତ୍ରୀଛାତ୍ରମାନେ ଦରଖାସ୍ତ କରିଛନ୍ତି। ଏହି ଦରଖାସ୍ତକୁ ରବିବାର ତହସିଲଦାର ଶରତ ଶବର ଗ୍ରହଣ କରିଥିବା କହିଛନ୍ତି। ସରକାର ସହାୟତା କଲେ ସେମାନେ ଡାକ୍ତରୀ ପଢ଼ିପାରିବେ ବୋଲି କହିଛନ୍ତି। ଏହି ଦରଖାସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ବୋଲି ତହସିଲଦାର କହିଛନ୍ତି।

# ମା' ଫୁଲସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ଆରମ୍ଭ

ଦିଗପହଣ୍ଡି,୧୫।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ନୂଆସାହି ଛକରେ ପୂଜା ପାଉଥିବା ମା' ଫୁଲସୁନ୍ଦରୀଙ୍କ ବାର୍ଷିକ ଯାତ୍ରା ମହୋତ୍ସବ ଶୁଭାରମ୍ଭ ହୋଇଛି। ଚଳିତବର୍ଷ ମା'ଙ୍କ ଯାତ୍ରା ମହୋତ୍ସବ ୫ଦିନ ଧରି ଚାଲିବ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପଣ୍ଡିତ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ମନ୍ଦିର ପୂଜକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ମା'ଙ୍କୁ ସେବାପୂଜା କରିବାପରେ ଘୃତଯଜ୍ଞ, ହୋମଯଜ୍ଞ ସମ୍ପାଦନ କରିଥିଲେ। ସନ୍ଧ୍ୟା ଆଳତି ବେଳେ ଭିଡ ନିୟନ୍ତ୍ରଣ ସକାଶେ ଯାତ୍ରା କମିଟି ପକ୍ଷରୁ ସମସ୍ତ ବନ୍ଦୋବସ୍ତ ହୋଇଥିଲା। ଶଙ୍କର ପାତ୍ର ଓ ତାଙ୍କ ସହଧର୍ମିଣୀ ଅନୀତା କର୍ତ୍ତା ଭାବେ ହୋମ ଯଜ୍ଞରେ ଉପସ୍ଥିତ ଥିଲେ। ବୁଧବାର ମା'ଙ୍କ ଘଟ ବିସର୍ଜନ କରାଯିବା ସହ ଯାତ୍ରା ଶେଷ ହେବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଯାତ୍ରା କମିଟି ସଭାପତି ପବିତ୍ର ବେହେରା, ଉପସଭାପତି ରାଜା ପଟ୍ଟନାୟକ, ସମ୍ପାଦକ କାହ୍ନୁଚରଣ ପଟ୍ଟନାୟକ, ସହ ସମ୍ପାଦକ ବଳରାମ ସାସମଲ, କୋଷାଧ୍ୟକ୍ଷ ରାମ ସାହୁ ଓ ଗଣେଶ ସାହୁ, ଉପଦେଷ୍ଟା ଗଣପତି ବେହେରା, ସୁଦର୍ଶନ ବେହେରା, କୃଷ୍ଣଚନ୍ଦ୍ର ସାହୁ, ରାଜବାବୁ ଦୋରା, ଶିବ ପ୍ରଧାନ, ମିଟୁ ବେହେରା, ପାଣ୍ଡବ ବେହେରା, ବୁଦ୍ଧିଆ ବେହେରା, ଲବ ପାତ୍ର, ରଞ୍ଜନ ବାଡତ୍ୟା, ରିଙ୍କୁ ସାହୁ, ଦେବାଶିଷ ସାହୁ ଯାତ୍ରା ପରିଚାଳନା କରୁଛନ୍ତି।

# ଗାଙ୍ଗପୁରରେ କୃଷିଭିତ୍ତିକ ପର୍ବ ନଳଯାତ୍ରା ପାଳିତ

ବେଲଗୁଣ୍ଠା,୧୫।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଗ୍ରାମରେ କୃଷିଭିତ୍ତିକ ପର୍ବ ନଳ ଯାତ୍ରା ପାଳିତ ହୋଇଯାଇଛି। ପରମ୍ପରା ମୁତାବକ ଶନିବାର ଜଙ୍ଗଲରୁ ବାରଫୁଟ ଉଚ୍ଚତାର ତିନୋଟି ବାଉଁଶ ଆଣି ସେଗୁଡ଼ିକୁ ଗ୍ରାମର ପୂଜା ମଣ୍ଡପରେ ଗଙ୍ଗାଜଳରେ ଶୋଧନ କରାଯାଇଥିଲା। ପରେ ନଳଗୁଡ଼ିକୁ ଗ୍ରାମର ଆରାଧ୍ୟା ମାଆ ବ୍ରାହ୍ମଣୀ ଦେବୀ, ମାଆ ରତ୍ନେଇ ଏବଂ ମାଆ କାଳୀଙ୍କ ପ୍ରତିନିଧି ରୂପରେ ରଙ୍ଗବେରଙ୍ଗ କପଡ଼ା ଏବଂ ଫୁଲରେ ସଜାଯାଇଥିଲା। ଗ୍ରାମରେ ଗଙ୍ଗାଜଳ ସିଞ୍ଚନ କରାଯାଇ ମଣ୍ଡପ ନିକଟରେ ହୋମ ହୋଇଥିଲା। ଗ୍ରାମର ଦେବ ଗୌଡ଼ଙ୍କ ଘରୁ ଦେବୀଙ୍କୁ ଆବାହନ କରାଯାଇଥିଲା। ବିଶ୍ୱାସ ଅଛି ପ୍ରାଚୀନ ସମୟରୁ ଗ୍ରାମର ଦେବ ଗୌଡ଼ଙ୍କ ଘରେ ଏକ ଦଣ୍ଡରେ ଦେବୀ ଅବସ୍ଥାନ କରି ଆସୁଛନ୍ତି। ଆବାହନ ସମୟରେ ଏହି ଦଣ୍ଡଟି ଆପେ ଆପେ ପୂଜକ ହାତକୁ ଡ଼େଇଁ ଚାଲିଆସେ ଓ ଶୁକ୍ରବାର ମଧ୍ୟ ସେହି ପ୍ରଥା ଅନୁସାରେ ଦେବୀଙ୍କୁ ଆବାହନ କରାଯାଇଥିଲା। ପରେ ମନୋନୀତ ହୋଇଥିବା ଗ୍ରାମର ଗୋପାଳକୃଷ୍ଣ ଗୌଡ, ରୋହିତ୍ ନାୟକ ଏବଂ ମେଣ୍ଟପୁର ଗ୍ରାମର ଶଙ୍କର ସ୍ୱାଇଁ ଯଥାକ୍ରମେ ମାଆ ବ୍ରାହ୍ମଣୀଦେବୀ, ମାଆ ରତ୍ନେଇ ଏବଂ ମାଆ କାଳୀରୂପୀ ନଳଗୁଡ଼ିକୁ ଧାରଣ କରି ଜଙ୍ଗଲରେ ଥିବା ମାଆ ରତ୍ନେଇ ଏବଂ ମାଆ କନ୍ଧୁଣି ଦେବୀ ପୀଠ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ବିଧିମୁତାବକ ପୂଜା ସରିବା ପରେ ତିନି ଦେବୀ ପାରମ୍ପରିକ ବାଦ୍ୟ ବାଜଣାରେ ଗାଆଁକୁ ଫେରି ପ୍ରତି ଘର ସମ୍ମୁଖରେ ଭୋଗ ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମର କୃଷି, ପ୍ରାଣୀସମ୍ପଦ ଏବଂ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଆଖପାଖ ଗ୍ରାମରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଏହି ପର୍ବରେ ସାମିଲ୍ ହୋଇଥିଲେ । କର୍ତ୍ତା ରୂପେ ଜୁରିଆ ସ୍ୱାଇଁ ଏବଂ ପୁରୋହିତ ଭାବେ ହରିହର ତ୍ରିପାଠୀ, ଅଶୋକ ରଥ ଓ ବସନ୍ତ ଦାୟିତ୍ୱ ତୁଲାଇଥିଲେ। ଗ୍ରାମର ବାରିକ, ଜାନି, ଶିବ ମନ୍ଦିର ପୂଜକ, ଗ୍ରାମ୍ୟ ପରିଚାଳନା କମିଟି, ଶିଶୁ ସଂକୀର୍ତ୍ତନ ମଣ୍ଡଳୀ, ଯୁବକ ସଂଘ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗ୍ରାମର ଏହି ପର୍ବ ପ୍ରତିବର୍ଷ ଗଣେଶ ଚତୁର୍ଥୀ ପରବର୍ତ୍ତୀ କୌଣସି ମଙ୍ଗଳବାର କିମ୍ବା ଶନିବାର ତିଥିରେ ପାଳନ ହୋଇଆସୁଛି।

# ସୁଭଦ୍ରା ସଚେତନତା ପଦଯାତ୍ରା

ଫୁଲବାଣୀ,୧୫।୯(ରାକେଶ କୁମାର ରାଉତ)




ଫୁଲବାଣୀରେ ବାହାରିଥିବା ଶୋଭାଯାତ୍ରା।

ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରବିବାର ଜିଲା ଓ ବ୍ଲକସ୍ତରରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା କରାଯାଇଛି। ଫୁଲବାଣୀ ସର୍କିଟ ହାଉସ ପରିସରରୁ ପଦଯାତ୍ରା ବାହାରି ମୁଖ୍ୟ ବଜାର ଦେଇ ବିଜୁ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା। ପଦଯାତ୍ରାକୁ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ନାୟକ, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ଦଳବେହେରା ପ୍ରମୁଖ ଶୁଭାରମ୍ଭ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟାଲକ୍ଷ୍ମୀ ବେହେରା ଓ ଜୀବିକା ମିଶନ ଡିପିଏମ ସନ୍ତୋଷ କୁମାର ରଥ, ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ସେଠୀ, ସିଡିପିଓ ବୈଜୟନ୍ତୀ ମଲ୍ଲିକଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏକ ବୈଠକରେ ଅତିଥି ମାନେ ଏହି ଯୋଜନା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ।

**ଜି.ଉଦୟଗିରି, (ଚିନ୍ମୟ କୁମାର ସେଠୀ):** ଜି. ଉଦୟଗିରି ଏନ୍ଏସିରେ ୧୪୩୮ରୁ ଊର୍ଦ୍ଧ୍ୱ ମହିଳାଙ୍କ ସୁଭଦ୍ରା ଆବେଦନ ପତ୍ର ଡିଜିଟାଲ ପଞ୍ଜୀକରଣ ହୋଇଛି। ସେଥିରୁ ପରୀକ୍ଷଣ ନିମନ୍ତେ ୫୨୭ ମହିଳାଙ୍କ ବ୍ୟାଙ୍କ ଖାତା ଭେରିଫିକେସନ ହୋଇ ସରକାରଙ୍କ ତରଫରୁ ୧ ଟଙ୍କା ଲେଖାଏ ଖାତାରେ ଡିପୋଜିଟ ହୋଇଛି। ଏନ୍ଏସି ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ 'ଘରେ ଘରେ ସୁଭଦ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୱାର୍ଡ଼ ପାଇଁ ଦାୟିତ୍ୱରେ ଥିବା ପରିଷଦ କର୍ମଚାରୀ ତଥା ଗଣେଶ ଜେନା, ନସିଭ ଦିଗାଲ,ସୁନ୍ଦରା ସୋରେନ, ଯୋଗେଶ୍ୱର ପାଣ୍ଡୁରେଙ୍ଗୀ,ବିଜୟ ଲକ୍ଷ୍ମୀ ପ୍ରଧାନ,ସର୍ଣ୍ଣ ପ୍ରଭା ଦାସ, କେ ବିଜୟ ପାତ୍ର, ପ୍ରଦୀପ କୁମାର ଶତପଥୀ ପ୍ରମୁଖ ମହିଳାମାନଙ୍କୁ ନେଇ ସଚେତନତା ରାଲି କରୁଥିବା ଦେଖିବାକୁ ମିଳିଛି।

**ଦାରିଙ୍ଗବାଡି, (ଅରୁଣ ସାହୁ)-** ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ବିଡିଓ ଗଦାଧର ପାତ୍ର ଓ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ସୁଭଦ୍ରା ସଚେତନତା ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ତହସିଲଦାର ଶରତ ଶବର, ଆଇଆଇସି ରମେଶ ପ୍ରଧାନ, ମିଶନଶକ୍ତିର ଶତାଧିକ ମହିଳା, ଅଙ୍ଗନାୱାଡି କର୍ମୀ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ମହିଳା ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟଠାରୁ ବାହାରି ଚାରିଛକ, ତିନିଛକ ଦେଇ ବ୍ଲକ ଅଫିସରେ ପହଞ୍ଚିଥିଲା। ସେଠାରେ ସଚେତନ କରାଯାଇଥିଲା।

**ଖଜୁରିପଡ଼ା, (ବିଦୁର ବେହେରା)-** ଖଜୁରିପଡ଼ା ବ୍ଲକ ବିଭିନ୍ନ ପଞ୍ଚାୟତରେ ସୁଭଦ୍ରା ଯୋଜନା ସ୍ୱାଗତ ପଦଯାତ୍ରା ମାଧ୍ୟମରେ ଜନସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମ ସରପଞ୍ଚ ମାନଙ୍କ ନେତୃତ୍ୱରେ ମହିଳା ମିଶନଶକ୍ତିର ଶତାଧିକ ମହିଳା, ଅଙ୍ଗନାୱାଡି କର୍ମୀ, ପଦଯାତ୍ରାରେ ସାମିଲ ହୋଇଥିଲେ।

# ସୁଭଦ୍ରାରେ ମହିଳା ସ୍ୱାବଲମ୍ବୀ ହୋଇପାରିବେ



ସୁଭଦ୍ରା ସ୍ୱାଗତ ପଦଯାତ୍ରାକୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।


ପଦଯାତ୍ରା ସହର ପରିକ୍ରମା କରୁଛି।

ଯାଜପୁର ଟାଉନ, ୧୫।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ମିଶନଶକ୍ତି ଭବନଠାରେ ରବିବାର ସୁଭଦ୍ରା ସ୍ୱାଗତ ପଦଯାତ୍ରା ଶୁଭାରମ୍ଭ ହୋଇଛି। ଯାଜପୁର ଏମ୍‌ପି ଡା. ରବୀନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଯାଜପୁର ତହସିଲଦାର, ଜିଲା ସମାଜ କଲ୍ୟାଣ ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

ଏହି ପଦଯାତ୍ରା ମିଶନଶକ୍ତି ଭବନରୁ ବାହାରି ମେଡିକାଲ ଓ ଗାନ୍ଧୀଛକ ଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ପରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ଡା. ବେହେରା ଯୋଗଦେଇ ସୁଭଦ୍ରା ଯୋଜନାରେ ମହିଳା ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ଯାଜପୁରର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାପାଳ ଯୋଜନା ସମ୍ପର୍କରେ କହିଥିଲେ। ମହିଳାମାନେ ସୁଭଦ୍ରା ଯୋଜନାରେ କିଭଳି ଆର୍ଥିକ ସ୍ୱାବଲମ୍ବୀ ହେବେ ସେ ସମ୍ପର୍କରେ ମତ ରଖିଥିଲେ। ଏହି ପଦଯାତ୍ରାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିଥି ଓ ମହିଳାମାନେ ସୁଭଦ୍ରା ଯୋଜନା ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ।

## ନାବାଳିକାଙ୍କ ଗର୍ଭନଷ୍ଟ କରି ଯୁବକ ଅଟକ

ଧର୍ମଶାଳା, ୧୫।୯ (ବଟକୃଷ୍ଣ ପରିଡ଼ା)

ନାବାଳିକାଙ୍କ ସହିତ ଅନୈତିକ ସମ୍ପର୍କ ରଖିବା ସହ ତାଙ୍କ ଗର୍ଭନଷ୍ଟ କରାଇବା ଅଭିଯୋଗରେ ଧର୍ମଶାଳା ପୋଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଅଭିଯୁକ୍ତ ବରୀ ବ୍ଲକ୍ ରତଳାଙ୍ଗ ଗ୍ରାମର ବୋଲି ଜଣାପଡିଛି। ଅଭିଯୁକ୍ତ ବିବାହ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଗର୍ଭନଷ୍ଟ ପାଇଁ ପୀଡ଼ିତାଙ୍କୁ ଅଭିଯୁକ୍ତ ଯୁବକ ଔଷଧ ଖାଇବାକୁ ଦେଇଥିଲା। ଔଷଧ ଖାଇବା ପରେ ନାବାଳିକାଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ଦେଓଦା ପଞ୍ଚାୟତ ଅଞ୍ଚଳର ଜଣେ ବନ୍ଧୁଙ୍କ ଘରକୁ ଆସିଥିବା ପୀଡ଼ିତାଙ୍କୁ ନେଇ ଅଭିଯୁକ୍ତ ଶନିବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ନାବାଳିକାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଏନେଇ ଥାନାରେ ନଂ.୬୮୭/୨୪ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ପଦ୍ମ ଧରିଲେ ବିଜେଡି ଜିଲା ଉପସଭାପତି


ଭାଜପାରେ ସାମିଲ ନେତାଙ୍କୁ ସ୍ୱାଗତ କରାଯାଉଛି।

କାଳିଆପାଣି, ୧୫।୯ (ଅସିତ ମହାନ୍ତ)

ସୁକିନ୍ଦା ଭାଜପା କାର୍ଯ୍ୟାଳୟଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ଜିଲା ବିଜେଡି ଉପସଭାପତି ବିଦ୍ୟାଧର ପାତ୍ର ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବରୁ ସୁକିନ୍ଦା ଖଣି ଅଞ୍ଚଳ ଶ୍ରମିକ ସଂଗଠନ ଏସ୍‌ଆରସିକେଏମସ୍‌ର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଟ୍ରକ ମାଲିକ ସଂଘର ମଧ୍ୟ ସେ ନେତୃତ୍ୱ ନେଉଥିଲେ। ଖଣି ଅଞ୍ଚଳରେ ସେ ଘଡ଼ାଇ ପରିବାର ପାଇଁ ଦୀର୍ଘ ବର୍ଷ କାର୍ଯ୍ୟ କରିଥିଲେ। ସେ ଭାଜପାରେ ସାମିଲ ହେବା ଘଡାଇ ପରିବାର ପ୍ରତି ଏକ ଶକ୍ତ ଧକ୍କା ବୋଲି ସାଧାରଣରେ ଆଲୋଚନା ହେଉଛି।

ମନ୍ତ୍ରୀ ବଳସାମନ୍ତ ଭାଜପା ଟୋପି ଓ ଉତ୍ତରୀୟ ପିନ୍ଧାଇ ପାତ୍ରଙ୍କୁ ସ୍ୱାଗତ କରିଥିଲେ। ତାଙ୍କ ସହିତ ରାଁସୋଲ ପଞ୍ଚାୟତର ଧନେଶ୍ୱର ମହାନ୍ତ, ରବୀନ୍ଦ୍ର ଭଞ୍ଜ, ଦିଲୀପ ମହାନ୍ତ ପ୍ରମୁଖଙ୍କ ସମେତ ବହୁ ଆଗ ଧାଡ଼ିର ବିଜେଡି କର୍ମୀଙ୍କୁ ମଧ୍ୟ ମନ୍ତ୍ରୀ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳରେ ସାମିଲ କରିଥିଲେ। ବରିଷ୍ଠ ଭାଜପା ନେତା ଅମଳେନ୍ଦୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଚିଙ୍ଗୁଡିପାଳ ଭାଜପା ସଂଗଠନର ବେଣୁଧର ମହାନ୍ତ, କଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଚଣ୍ଡିଖୋଲ, ୧୫।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ କୋର୍ଟର ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ସାହୁଙ୍କ ମାତା ମତାଜୀ ସାହୁ (୭୨)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ମହିଳା ଥିଲେ। ଅସୁସ୍ଥ ହେବାରୁ ଛତିଆସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ସକାଳେ ତାଙ୍କ ପୈତୃକ ଗ୍ରାମ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସାନ ପୁଅ ଶରତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗ ଖବର ପାଇ ଚଣ୍ଡିଖୋଲ କୋର୍ଟ ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସଙ୍କ ସମେତ ସମସ୍ତ ଆଇନଜୀବୀ ଶୋକପ୍ରକାଶ କରିଛନ୍ତି।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

ବଡ଼ଚଣା, ୧୫।୯ (ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ୍ ଅଧୀନ ଅରଖପୁର ପଞ୍ଚାୟତର ବନ୍ଧା ପଦ୍ମଲାଭପୁରସ୍ଥିତ ଶ୍ୟାମସୁନ୍ଦର ମନ୍ଦିର ପରିସରରେ ଯାଜପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଯୋଗଦେଇ ପ୍ରତ୍ୟେକ ବୁଥରେ ୨୦୦ ସଭ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ପୁଲିନ ପ୍ରକାଶ ପୁହାଣ, ପ୍ରାକ୍ତନ ଜିଲା ସଭାପତି ଆଶୁତୋଷ ପରିଡ଼ା, ସମ୍ପାଦକ ରମେଶ ଚନ୍ଦ୍ର ରାଉତ, ସୌଭାଗ୍ୟ ମିଶ୍ର, ଜିଲା ନଗର ସଭାପତି ପ୍ରଦୀପ କୁମାର ଜେନା, ରବୀନ୍ଦ୍ର କୁମାର ଶତପଥୀ, ନୃସିଂହ ମିଶ୍ର, ତପନ କୁମାର ସାମଲ, ଜୀତେନ୍ଦ୍ର ବିଶ୍ୱାଳ, ମଣ୍ଡଳ ସଭାପତି ପ୍ରଦୀପ ସିଂହ ଓ ସୁରେଶ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଉପସଭାପତି ଉପେନ୍ଦ୍ର କର ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଯୋଗଦେଇଥିବା ଭାଜପା କୃଷକ ମୋର୍ଚ୍ଚାର କର୍ମକର୍ତ୍ତା।

## ଗାଁ ବୁଲିଲା ସୁଭଦ୍ରା ଶୋଭାଯାତ୍ରା



ସୁଭଦ୍ରା ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ରସୁଲପୁର, ୧୫।୯ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅଧୀନ ୨୮ ପଞ୍ଚାୟତରେ ସୁଭଦ୍ରା ଯୋଜନାର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆବେଦନକାରୀ ଗାଁଗାଁ ବୁଲି ଯୋଜନାର ସଫଳତା ବଖାଣିଛନ୍ତି। ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଯୋଜନା ଉପରେ ଆଧାରିତ ସଂଗୀତ ଗାନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଛନ୍ତି। ଯୋଜନାକୁ ସଫଳ ଭାବରେ ରୂପାୟନ କରିବା ପାଇଁ ମହିଳାମାନଙ୍କୁ ନିୟୋଜିତ କରାଯାଇଛି। ଆବେଦନକାରୀଙ୍କ ଜମାଖାତାକୁ ଶନିବାର ରାତିରେ ୧ଟଙ୍କା ଲେଖାଏ ଆସିଛି। ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେହି ଦିନ ସଫଳ ଭାବରେ ପଞ୍ଜୀକରଣ କରିଥିବା ମହିଳାଙ୍କ ଜମାଖାତାକୁ ପ୍ରଥମକିସ୍ତି ୫ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରବିବାର ପଞ୍ଚାୟତରୁ ବ୍ଲକ ଓ ଜିଲାସ୍ତରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରତିଗାଁରେ ମହିଳାମାନେ ଏକାଠି ହୋଇ ସୁଭଦ୍ରା ଯୋଜନା ଉପରେ ଆଲୋଚନା କରିଛନ୍ତି।

ଭୋଟକା ପଞ୍ଚାୟତରେ ଆୟୋଜିତ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ଏମ୍‌ବିକେ ସସ୍ମିତା ଆଏଚ। ସରପଞ୍ଚ ସ୍ମୃତିରେଖା ରାଉତ ଅତିଥିଭାବେ ଯୋଗଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଶୋଭାଯାତ୍ରାରେ ସାମିଲ ହୋଇ ବିଭିନ୍ନ ଗାଁ ବୁଲିଥିଲେ। ଅଙ୍ଗନୱାଡି କର୍ମୀ ଶାନ୍ତିଲତା ପଣ୍ଡା, ସିଆର୍‌ପି ସୁଚିସ୍ମିତା ପତି, ଅନିମା ପଣ୍ଡା, ସୁବାସିନୀ ମଲିକ, ସସ୍ମିତା ଆଏଚ, ବସୁମତୀ ବେହେରା ଓ ଉମା ସେଠୀଙ୍କ ସମେତ ସମସ୍ତ ଇସି ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଞ୍ଚାୟତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଭା ଜରିଆରେ ଯୋଜନାର ନିୟମାବଳୀ ଓ ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସରପଞ୍ଚ ରାଉତ ଯୋଜନାରୁ ଜଣେ ହେଲେ ଯୋଗ୍ୟ ମହିଳା ଯେପରି ବଞ୍ଚିତ ନ ହୁଅନ୍ତି, ସେ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଗୋପୀନାଥ ପଣ୍ଡା, ରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶର୍ମିଷ୍ଠା ଆଏଚ ଧନ୍ୟବାଦ ଦେଇଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ

ପାଣିକୋଇଲି, ୧୫।୯ (ବିକାଶ ମଲ୍ଲିକ)

ବାଲି ଚୋରାଚାଲାଣ ବନ୍ଦ କରିବାକୁ ଯେତେ ପ୍ରୟାସ କଲେ ବି ହେଉନି। ରାତି ଅଧିଆ ହେଉଛି ଚୋରାଚାଲାଣ। ପାଣିକୋଇଲି-ଆଙ୍କୁଲା ରାସ୍ତା ଦେଇ ଶନିବାର ରାତିରେ ବାଲି ଚୋରାଚାଲାଣବେଳେ ପାଣିକୋଇଲି ପୋଲିସ ଚଢ଼ାଉ କରି ୩ ବାଲି ବୋଝେଇ ହାଇୱା ଜବତ କରିଛି। ମତାବାଦଘାଟରୁ ବାଲିଗାଡ଼ି ଆସୁଥିବା ଖବର ପାଇ ଥାନାଧିକାରୀ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ସ୍ମୃତି ମଞ୍ଜରୀ ବଡ଼ଜେନା ସଦଳବଳ ଚଢ଼ାଉ କରିଥିଲେ। ୩ ହାଇୱା ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି।

## ଜିଲାସ୍ତରୀୟ ମାତୃଭାରତୀ ବୈଠକ

ଯାଜପୁର ରୋଡ୍, ୧୫।୯ (ପବିତ୍ର ମହାନ୍ତି)

ବ୍ୟାସନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜିଲାସ୍ତରୀୟ ମାତୃଭାରତୀ ବୈଠକ ସଭାପତି ବିଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଆଚାର୍ଯ୍ୟ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ତର ପୂର୍ବ ସମ୍ଭାଗର ବାଳିକା ଶିକ୍ଷା ଓ ମାତୃଭାରତୀ ସଂଯୋଜିକା ପ୍ରଣତି ସାହୁ ସମ୍ମିଳନୀର ଆଭିମୁଖ୍ୟ କଥନ କରିଥିଲେ। ଉକ୍ତ ସମ୍ମିଳନୀରେ ୧୦୦ରୁ ଊର୍ଦ୍ଧ୍ୱ ମା' ଅଂଶଗ୍ରହଣ କରିଥିଲେ। ମାତୃସେବାରେ ବ୍ରତୀ ଅଖିଳ ଭାରତୀୟ ଦୁର୍ଗା ବାହିନୀର ସଂଯୋଜିକା ଭଉଣୀ ସୁଶ୍ରୀ ପ୍ରଜ୍ଞା ମହଲା ମାର୍ଗଦର୍ଶନ ପୂର୍ବକ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ପଣ୍ଡା ଆଶୀର୍ବଚନ ପ୍ରଦାନ କରିଥିଲେ। ଯାଜପୁର ବିଭାଗ ପ୍ରମୁଖ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଡା. ରୂପା ଭର୍ସାଇନ ଘୋଷ ଯୋଗଦେଇ ମା'ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ଯାଜପୁର ବିଭାଗ ନିରୀକ୍ଷକ ଜିତୁରାମ ମହନ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ସମସ୍ତ ଗୁରୁଜୀଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାମନ୍ଦିର ସମ୍ପାଦକ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

## ଯାଜପୁର ମିରରର ଦ୍ୱିତୀୟ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଯାଜପୁର ମିରରର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରୁଛନ୍ତି।

ଯାଜପୁର, ୧୫।୯ (ହର୍ଷବର୍ଦ୍ଧନ ବେହେରା)

ସମାଜରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଆଞ୍ଚଳିକ ଖବରକୁ ଗୁରୁତ୍ୱ ଦେଲେ ଖବରକାଗଜର ଚାହିଦା ବଢ଼େ ବୋଲି ରବିବାର ପାକ୍ଷିକ ଖବରକାଗଜ ଯାଜପୁର ମିରରର ଦ୍ୱିତୀୟ ବାର୍ଷିକ ଉତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ମତବ୍ୟକ୍ତ କରିଛନ୍ତି। ବ୍ୟାସନଗରସ୍ଥିତ ହୋଟେଲ ରୟାଲ କଳିଙ୍ଗର ସଭାଗୃହରେ ମିରରର ମୁଖ୍ୟ ସମ୍ପାଦକ ଅଭୟ କୁମାର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଜେର ଯାଜପୁର ଜିଲା ସଭାପତି ଆଦିତ୍ୟ ମେକାପ, ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ଶୁଭ୍ରାଂଶୁ ପଣ୍ଡା, ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ବହୁଭାଷୀ ଲେଖିକା ଆଭାଞ୍ଜଳି ଶତପଥୀ ପ୍ରମୁଖ ଯୋଗଦେଇ ଖବରଦାତାମାନଙ୍କର ନୈତିକତା କର୍ତ୍ତବ୍ୟ ନିଷ୍ଠା ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ଯାଜପୁର ମିରରର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିବାବେଳେ ବାର୍ତ୍ତା ସମ୍ପାଦକ ଦୟାନିଧି ନାୟକ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, ପ୍ରାକ୍ତନ ରେଳ ପ୍ରଶାସକ ଦେବୀ ପ୍ରସାଦ ଦାଶ, ବରିଷ୍ଠ ଚିକିତ୍ସକ ସୌଭାଗ୍ୟ ରଞ୍ଜନ ସୁବୁଦ୍ଧି, ଶିକ୍ଷାବିତ୍ ବନୋଜ କୁମାର ଜେନା, ଯୁବ ଉଦ୍ୟୋଗୀ ଆଲୋକ କୁମାର ମହାନ୍ତି, ଯୁବନେତା ସିଦ୍ଧାର୍ଥ ଶଙ୍କର ସାମଲ, ଯୁବନେତ୍ରୀ ମୋନାଲିସା ସାହୁ, ସମାଜସେବା ସଂଗଠନ ଶେଷ ପରିଚୟ ଏବଂ ଶହୀଦ ଭଗତ ସିଂ ଯୁବକ ସଂଘକୁ ସମାଜରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯାଜପୁର ମିରରର ଜିଲା ପ୍ରତିନିଧି ରୁଦ୍ରପ୍ରତାପ ପାଢ଼ୀ, ଭିଜୁଆଲ ଏଡିଟର ପ୍ରଶାନ୍ତ ଗେଡ଼ି, ସୌରଭ ଖୁଣ୍ଟିଆ, କିଶୋର ରାଉତ, ତାପସ ମିଶ୍ର, ପ୍ରକାଶ ସାହୁ, ରାଜେନ୍ଦ୍ର ଦାସ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିବାବେଳେ ସହ ସମ୍ପାଦିକା ଅସ୍ମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

କାଳିଆପାଣି, ୧୫।୯ (ଅସିତ୍ ମହାନ୍ତ)

ସୁକିନ୍ଦା ପଞ୍ଚାୟତ ପକ୍ଷରୁ ସୁଭଦ୍ରା ଯୋଜନାର ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁକିନ୍ଦା ବ୍ଲକ ମିଶନ ଶକ୍ତି ବିଏଲଏଫ୍‌ର ସମ୍ପାଦିକା ରଶ୍ମିତା ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ସୁକିନ୍ଦାଗଡ଼ ପଞ୍ଚାୟତର ଶତାଧିକ ମହିଳା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସୁକିନ୍ଦା ଦୋଳମଣ୍ଡପରେ ପଞ୍ଚାୟତର ବିଭିନ୍ନ ସାହି ଓ ପଡାଗାଁରୁ ଆସିଥିବା ମହିଳା ଏକତ୍ରିତ ହୋଇଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ମହିଳାମାନଙ୍କୁ ସଚେତନତା କରି ଯୋଜନାର କିପରି ସୁଫଳ ମିଳି ପାରିବ ସେ ସମ୍ପର୍କରେ ନାରା ଦେବା ସହିତ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ। ଏହିଅବସରରେ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା। ସେହିପରି ସକାଳେ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ଯୋଜନାର ସଚେତନତା ଅଭିଯାନ ଆରମ୍ଭ କରାଯାଇଥିଲା। ବିଡିଓ ଅଭିଷେକ ସ୍ୱାଇଁ ପଦଯାତ୍ରାରେ ଭାଗ ନେଇଥିଲେ। ସିଡିପିଓ ଭାନୁମତି ବେହେରା, ଏଏସ୍‌ଆଇ ଗୋପାଳ ଦାସ, ବିଏଲଏଫ ସମ୍ପାଦିକା ରଶ୍ମିତା ଭଟ୍ଟାଚାର୍ଯ୍ୟ, କୋଷାଧ୍ୟକ୍ଷା ବନିତା ମଲ୍ଲିକ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ରାସ୍ତା ପାର୍ଶ୍ୱରୁ ମେଟାଲ କ୍ରଶ ବାରିଅର କାଟିନେଲେ



ଚଣ୍ଡିଖୋଲ, ୧୫।୯ (ପ୍ରଦୀପ୍ତ କୁମାର ପୃଷ୍ଟି)

ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ବଡ଼ଚଣା ଉପଖଣ୍ଡରେ ରହିଛି ବୈରୀ-ଚଣ୍ଡିଖୋଲ ରାସ୍ତା। ଏହି ରାସ୍ତାର ବୈରୀଠାରୁ ଖଇରା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ମେଟାଲ କ୍ରଶ ବାରିଅର ଲାଗୁଛି। ଗତ କିଛି ଦିନ ହେବ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଶନିବାର ରାତିରେ ଦୁର୍ବୃତ୍ତ ଏହାକୁ କାଟି ନେଇଛନ୍ତି।

ସୂଚନା ଅନୁଯାୟୀ, ବୈରୀ-ଚଣ୍ଡିଖୋଲ ହାଇଲେଭଲ କେନାଲ ବନ୍ଧକୁ ୪ ବର୍ଷ ତଳେ ଜଳସମ୍ପଦ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ଗତ ଏକ ମାସ ହେଲା ମେଟାଲ କ୍ରଶ ବାରିଅର ଲଗାଯାଉଛି। କିଛି ଦିନ ତଳେ ଏହି ରାସ୍ତାର ବନ୍ତଳା ଗ୍ରାମ ନିକଟରେ ଲାଗିଥିବା ଏହି ବାରିଅରକୁ ଦୁର୍ବୃତ୍ତ କାଟି ନେଇଥିଲେ। ଏହା ଯାତ୍ରୀ ସୁରକ୍ଷା କବଚ ଭଳି କାର୍ଯ୍ୟ କରେ। କୌଣସି ଦୁର୍ଘଟଣା ଘଟିଲେ ରାସ୍ତା ତଳକୁ ନ ଖସି ଏହି ବାଡ଼ାରେ ଗାଡିଗୁଡିକ ଅଟକିଯିବ। ତେବେ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା ଠିକାଦାରଙ୍କ ଅଧୀନରେ ରହିଛି। ତେଣୁ ସେ ଥାନାରେ ଅଭିଯୋଗ କରିପାରିବେ।

# ମଦ ଦୋକାନରେ ଲଗାଯାଉ ପିଓଏସ୍

## ଦୁର୍ଗାପୂଜା, ରାବଣପୋଡ଼ି ସମୟରେ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଚିନ୍ତା

**ଜଗତ୍‌ସିଂହପୁର, ୧୫।୯ (ପ୍ରମୋଦ କୁମାର ନାୟକ)**

■ ବ୍ୟାପକ ନକଲି ମଦ କାରବାର ବନ୍ଦ ହେଉ
■ ମେଢ଼ କର୍ମକର୍ତ୍ତାମାନେ ବିଦ୍ୟୁତ୍ ସାର୍ଟିଫିକେଟ୍ ପାଆନ୍ତୁ

ଜଗତ୍‌ସିଂହପୁର ସହରରେ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣି ଉତ୍ସବ ଜାକଜମକରେ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଏନେଇ ଜିଲା ପ୍ରଶାସନ ତରଫରୁ ଇତିମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଢ଼ସ୍ଥଳଗୁଡ଼ିକରେ ସିସିଟିଭି ଲାଗିବା ଉପରେ ଜୋର ଦିଆଯାଇଛି। ମେଳଣ ଦିନ ଯେପରି ମେଢ଼ଗୁଡ଼ିକ ଶୋଭାଯାତ୍ରା କରି ଗଲାବେଳେ ବିଶୃଙ୍ଖଳା ନ ହୁଏ, ତା'ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ପ୍ରତିବର୍ଷ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଗଲାବେଳେ ବ୍ୟତିକ୍ରମ ଦେଖିବାକୁ ମିଳେ। ଚଳିତବର୍ଷ ଯେପରି ସେଭଳି ନ ହୁଏ, ସେଥିପ୍ରତି ପୂଜା କମିଟି ଓ କ୍ଲବଗୁଡ଼ିକ ସମେତ ପୋଲିସ ଓ ପ୍ରଶାସନ ବିଶେଷ ଦାୟିତ୍ୱବାନ ହେବା ଉପରେ ଆଲୋଚନା ହୋଇଛି। କିନ୍ତୁ ନକଲି ଓ ଚୋରା ମଦ ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ନାହିଁ। ଏଥିପାଇଁ ପଦକ୍ଷେପ ନ ନେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ସହଜ ନୁହେଁ। କାରଣ ଅତୀତରେ ବିଷାକ୍ତ ମଦ ପିଇ ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଞ୍ଚଳର ୨୦ ଜଣ ଅସୁସ୍ଥ ହେବା ସହ ଏକାଧିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଏପରି କି ସରକାର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ନକଲି ଓ ବେଆଇନ ମଦ କାରବାର ବନ୍ଦ ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଏହାର ପ୍ରଭାବ ସେଭଳି ଅନୁଭବ ହେଉନାହିଁ। ସହରରୁ ଗାଁ ପର୍ଯ୍ୟନ୍ତ ଚାରିଆଡ଼େ ଖୁଲ୍‌ମଖୁଲା ବିଷାକ୍ତ ମଦ ବିକ୍ରି ଚାଲିଥିବା ଗୁରୁତର ଅଭିଯୋଗ ହେଉଛି।

ଦଶହରା ସମୟରେ ଏହି ପରିସ୍ଥିତି ଜଟିଳ ରୂପ ନେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏବେଠାରୁ ସତର୍କତା ଓ ସଚେତନତା ସୃଷ୍ଟି କରା ନ ଗଲେ ପରିସ୍ଥିତି ଜଟିଳ ରୂପ ନେଇପାରେ ବୋଲି ଅନେକ ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କେତେଜଣ କହିଛନ୍ତି, ଭାରତ ସରକାର ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଆଧାରରେ ପ୍ରାଥମିକ ପର୍ଯ୍ୟାୟରେ ବିଶେଷକରି ଦଶହରା ସମୟରେ ଜଗତ୍‌ସିଂହପୁର ସହରରେ ଥିବା ମଦ ଦୋକାନଗୁଡ଼ିକରେ ପଏଣ୍ଟ ଅଫ ସେଲ୍ (ପିଓଏସ୍) ବ୍ୟବସ୍ଥା ହେବା ପାଇଁ ଅତୀତରେ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା ମଦ ବିକ୍ରେତା ତଥା ଏହି କାରବାର ପରିଚାଳନା କରୁଥିବା ପରିଚାଳକ ଅଯଥା ଲେଜର କାମରୁ ନିସ୍ତାର ପାଇବେ। ମଦ ବିକ୍ରିରେ କେତେ ଟଙ୍କା ଆସିଲା, କେତେ ଗଲା ଏବଂ କର୍ମଚାରୀଙ୍କୁ କେତେ ଟଙ୍କା ଦରମା ଆଦି ଦିଆଗଲା ସେ ସବୁ କରିବାକୁ ପଡ଼ିବ ନାହିଁ। ଯେଉଁମାନେ ମଦ କିଣିବେ ସେମାନଙ୍କୁ ଯୋଗାଯୋଗ ସଂକ୍ରାନ୍ତୀୟ ତଥ୍ୟ ଓ କିଣା ଦର ଇତ୍ୟାଦି ସାର୍ବଜନୀନ ହୋଇପାରିବ। ଏହାଦ୍ୱାରା ଚୋରି ରୋକାଯିବା ସହ ଟଙ୍କା ପରିଚାଳନାରେ ସହାୟକ ହୋଇପାରିବ। ରାବଣପୋଡି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରଖାଯାଏ। ଏହାସତ୍ତ୍ୱେ ଚୋରାରେ ମଦ କାରବାର ଚାଲେ। ଏହାକୁ ଦୃଷ୍ଟିରେ ରଖି ମଦୁଆଙ୍କୁ ଧରିବା ପାଇଁ ଅଭିଯାନ ହେବା ଜରୁରୀ। ସହରରେ ମଦୁଆଧରା ଗାଡି ବୁଲିଲେ ଭୟ ରହିବ। ଏହି ଗାଡିର ବିଭିନ୍ନ ପାର୍ଶ୍ୱରେ ମଦୁଆଧରା ଗାଡି ବୋଲି ଉଲ୍ଲେଖ ରହିବ। ଗାଡିରେ ସ୍ୱତନ୍ତ୍ର ଭାବେ ପୋଲିସ କର୍ମଚାରୀ ନିୟୋଜିତ ହେବେ। ସେମାନେ ପାଟ୍ରୋଲିଂ ସମୟରେ ଯେଉଁଠି ମଦୁଆଙ୍କୁ ଦେଖିବେ ଉଠାଇ ନେବେ। ଏହାଦ୍ୱାରା ମଦୁଆଙ୍କ ଉତ୍ପାତ ରହିବ ନାହିଁ ବୋଲି ଯୁକ୍ତି କରାଯାଇଛି। ସହରର ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପଏଣ୍ଟରେ ବ୍ଲକର (ଗାଡି ଧୀର ହେବା ଉଦ୍ଦେଶ୍ୟରେ) ରହିବ। ଫଳରେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିହେବ। ସେହିପରି ଜଗତ୍‌ସିଂହପୁରରେ ୨୩ଟି ପୂଜା କମିଟି ମେଢ଼ କରୁଥିବାବେଳେ ସେମାନେ ବିଦ୍ୟୁତ୍ ସାର୍ଟିଫିକେଟ୍ ନେବା ଜରୁରୀ। ଏହା ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ଆଇନଗତ ସହାୟତା କରିପାରିବ। କୌଣସି ପ୍ରକାର ଅଘଟଣ ହେଲେ ବୀମାଠାରୁ ଆରମ୍ଭ କରି ଆଇନଗତ ସହାୟତା ମିଳିପାରିବ। ପ୍ରଶାସନ ତଥା ବିଦ୍ୟୁତ୍‌ବିଭାଗ ମଧ୍ୟ ସମ୍ଭାବ୍ୟ ପରିସ୍ଥିତିରୁ ବର୍ତ୍ତି ପାରିବେ। ଅତୀତରେ ମଧ୍ୟ ପୂଜା କମିଟିଗୁଡ଼ିକ ବିଦ୍ୟୁତ୍ ସାର୍ଟିଫିକେଟ୍ ପାଇଥିବାର ଦୃଷ୍ଟାନ୍ତ ଥିବା କୁହାଯାଇଛି।

## ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ହେବ


ସମ୍ବର୍ଦ୍ଧନା ସଭାରେ ବିଧାୟକ ରମାକାନ୍ତ ଭୋଇଙ୍କୁ ସ୍ୱାଗତ କରାଯାଉଛି।

**ତିର୍ତ୍ତୋଲ, ୧୫।୯ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲରେ ବନ୍ଦ ହୋଇପଡ଼ିଥିବା ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର କରିବା ଲାଗି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ଏହି ପ୍ରତିଶ୍ରୁତି ପୂରଣ କରିବା ଲାଗି ଉଦ୍ୟମ କରିବାର ସମୟ ଆସିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିଧାନସଭାରେ ସ୍ୱର ଉତ୍ତୋଳନ କରିବି। ଜିଲାର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସହ ଏ ସମ୍ପର୍କରେ କଥା ହୋଇ ଦାବି ହାସଲ କରିବି ବୋଲି ବିଧାୟକ ରମାକାନ୍ତ ଭୋଇ କହିଛନ୍ତି। ତିର୍ତ୍ତୋଲ ବିଜେଡି ପକ୍ଷରୁ ସ୍ଥାନୀୟ ଆନନ୍ଦ ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଉତ୍ତରରେ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏଥିସହ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରିବା ସହ ସମସ୍ତ କର୍ମୀ ଏକାଠି ହୋଇ ଦଳ ଲାଗି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ବିଜେଡି ଜିଲା ଉପସଭାପତି ଅଶ୍ୱିନୀ କୁମାର ଦାସ, ଜିଲା ସମ୍ପାଦକ ବସନ୍ତ କୁମାର ମହାପାତ୍ର, ମହିଳା ନେତ୍ରୀ ଲୋରା ମହାପାତ୍ର, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁମିତ ଦାସ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ରଥ, ସିଦ୍ଧାର୍ଥ ଶଙ୍କର ରାଉଳ, ବ୍ଲକ ବିଜେଡି ସମ୍ପାଦକ ଅମରଜ୍ୟୋତି ସାହୁ, ସମିତିସଭ୍ୟ ପ୍ରବୀର ରାୟ, ନିହାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ଅନ୍ୟମାନେ।

**ନାଉଗାଁ, ୧୫।୯ (ସୁଧା ବେହୁରା)**

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ସୁଭଦ୍ରା ଯୋଜନାର ସଫଳ ରୂପାୟନ ଓ ମହିଳାମାନଙ୍କୁ ସଚେତନ କରିବା ପାଇଁ ନାଉଗାଁ ବ୍ଲକ ସମେତ ୧୬ଟି ପଞ୍ଚାୟତରେ ରବିବାର ପଦଯାତ୍ରାର ଆୟୋଜନ କରାଯାଇଥିଲା। 'ଘରେ ଘରେ ସୁଭଦ୍ରା'କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ବିଡିଓ ତପନ ମହାପାତ୍ର, ସିଡିପିଓ ବାସନ୍ତୀ ମାଇନ, ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ ସୁଭଦ୍ରା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ସିଆରପି ଓ ଏମ୍‌ବିକେମାନେ ଉପସ୍ଥିତ ଥିଲେ। ପରେ ଘରେ ଘରେ ସୁଭଦ୍ରା ଯୋଜନା ଉପରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଉକ୍ତ ଅଭିଯାନରେ ବିଡିଓ, ସିଡିପିଓ, ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟା ପ୍ରମୁଖ ଦସ୍ତଖତ କରିଥିଲେ। ସେହିପରି ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରୁ ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଦଳର ସଭ୍ୟା, ଅଙ୍ଗନୱାଡି କର୍ମୀମାନେ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ।

## ସୁଭଦ୍ରା ଯୋଜନା ମହିଳାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉପହାର

**ଜଗତ୍‌ସିଂହପୁର, ୧୫।୯ (ପ୍ରମୋଦ କୁମାର ନାୟକ)**

### ଜଗତ୍‌ସିଂହପୁରରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା


ବିଧାୟକ ଅମରେନ୍ଦ୍ର ଦାସ, ଏମ୍‌ପି ବିଭୁ ତରାଇ ପଦଯାତ୍ରାକୁ ସ୍ୱାଗତ କରୁଛନ୍ତି।

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବଣ୍ଟନ ପୂର୍ବରୁ ରବିବାର ଜଗତ୍‌ସିଂହପୁର ସଦର ମହକୁମାରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏସ୍.କେ. ଏକାଡେମୀଠାରୁ ଟାଉନ ହଲ୍ ପର୍ଯ୍ୟନ୍ତ ପଦଯାତ୍ରାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମହିଳା ଏସ୍‌ଏଚ୍‌ଜି ସଦସ୍ୟାମାନେ ସାମିଲ ହୋଇଥିଲେ। ପଦଯାତ୍ରା ପରେ ସ୍ଥାନୀୟ ଟାଉନ ହଲ୍‌ଠାରେ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ତରାଇ ଯୋଗଦେଇ ମହିଳାମାନଙ୍କୁ ରୋଜଗାରକ୍ଷମ କରିବା କ୍ଷେତ୍ରରେ ଏହି ଯୋଜନା ସହାୟକ ହେବ ବୋଲି କହିଥିଲେ। ୫ ବର୍ଷରେ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କା ଦିଆଯିବ। ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ। ସେହିଦିନ ପ୍ରତି ବ୍ଲକ ଓ ଜିଲା ସଦର ମହକୁମାରେ ମଧ୍ୟ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡ଼ିଶା ସରକାରଙ୍କ ମହିଳାମାନଙ୍କ ପ୍ରତି ସୁଭଦ୍ରା ଯୋଜନା ଏକ ଉପହାର ବୋଲି କୁହାଯାଇଥିଲା। ଏହି ସଭାରେ ଜିଲାପାଳ ଜେ. ସୋନାଲ ଯୋଗଦେଇ ବର୍ତ୍ତମାନ ସୁଦ୍ଧା ଜଗତ୍‌ସିଂହପୁର ଜିଲାରେ ୨ ଲକ୍ଷ ମହିଳା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ ହୋଇ ସାରିଲେଣି। ୧୭ ତାରିଖରେ ପ୍ରଥମ କିସ୍ତି ପ୍ରଦାନ କରାଯିବ। ପରେ ବି ମହିଳାମାନେ ନିଜର ନାମ ପଞ୍ଜୀକରଣ କରି କିସ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। ପଞ୍ଜୀକରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ସ୍ୱାଗତ ଭାଷଣ ଓ ଶେଷରେ ମିଶନ ଶକ୍ତି ଜିଲା ପ୍ରୋଗ୍ରାମ ଅଧିକାରୀ ମୋନାଲିସା ଭଞ୍ଜ ଧନ୍ୟବାଦ ଦେଇଥିଲେ। ଜିଲା ମିଶନ ଶକ୍ତି ଫେଡେରେଶନ ସଭାପତି ସରୋଜିନୀ ବେହେରା ଓ ରାଜଲକ୍ଷ୍ମୀ ସେନାପତି, ମହେଶ୍ୱତା ଜେନା, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା ସୁଭଦ୍ରା ଯୋଜନା ଉପରେ ନିଜର ମତ ରଖିଥିଲେ। ଟାଉନ ହଲ ପରିସରରେ ସୁଭଦ୍ରା ଯୋଜନା ସ୍ୱାଗତ ପଦଯାତ୍ରା ଅବସରରେ କାନ୍ଭାସରେ ଏମ୍‌ପି ତରାଇ, ବିଧାୟକ ଦାସ, ଜିଲାପାଳ ସୋନଲ, ଅତିରିକ୍ତ ଜିଲାପାଳ ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜେଠୀ ଓ ଅନ୍ୟ ଅଧିକାରୀମାନେ ଦସ୍ତଖତ କରିଥିଲେ।

## ଜିଲା ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର

**କୁଜଙ୍ଗ, ୧୫।୯ (ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜଲା ବିଦ୍ୱତ୍ ପରିଷଦ ପକ୍ଷରୁ ଆଲୋଚନାଚକ୍ର ରବିବାର କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୱତ୍ ପରିଷଦର ଜିଲା ସଭାପତି ଅନଙ୍ଗ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଦ୍ୱତ୍ ପରିଷଦର ଜିଲା ପ୍ରମୁଖ ରଶ୍ମିକାନ୍ତ ସାହୁ , ସହ ପ୍ରମୁଖ କାହ୍ନୁ ଚରଣ ସାହୁ, ସମ୍ପାଦକ ଆଲୋକ ସାହୁ, ବିଭାଗ ନିରୀକ୍ଷକ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଷ୍ଟ୍ର ନିର୍ମାଣରେ ନାଗରିକଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ନୂତନ ଶିକ୍ଷାନୀତି ମାଧ୍ୟମରେ ଛାତ୍ରଙ୍କ ବିକାଶ ଆଦି ବିଷୟ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଜଗତ୍‌ସିଂହପୁର, ବାଲିକୁଦା, ରାହାମା, ଜଗନ୍ନାଥପୁର, ପାରାଦୀପ ସଙ୍କୁଳରୁ ଆସିଥିବା କର୍ମକର୍ତ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ସ୍ୱାଇଁ, ଆମର ଜ୍ୟୋତି ସାହୁ, ଦେବେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଅଧିବକ୍ତା କରୁଣାକର ସାହୁ, ଯୁଗ୍ମ ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତରା, ଉପସଭାପତି ଅଭୟ ମହାରଣା ପ୍ରମୁଖ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ ବିପିନ ପତି, ସଞ୍ଜୟ ଦାସ, ଗୁରୁ ମା' ହରପ୍ରିୟା ସାହୁ, ତିଲୋତ୍ତମା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## କେନ୍ଦ୍ରାପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ



ସଂଘର କର୍ମକର୍ତ୍ତା ନିର୍ବାଚନରେ ଯୋଗଦେଇଥିବା ଶିକ୍ଷକମାନେ।

**କେନ୍ଦ୍ରାପଡା, ୧୫।୯ (ଜଗନ୍ନାଥ ଧଳ)**

ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ବ୍ଲକ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅନନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଗରାପୁରସ୍ଥିତ ଶିକ୍ଷକ ଭବନରେ ହୋଇଥିଲା। ଦାଶରଥି ନାୟକ ଏହି ଶାଖା ସଂଘର ସଭାପତି ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭାପତି କାକୁଲି ମଲ୍ଲିକ ଓ କାଳି ପ୍ରସନ୍ନ ଶତପଥୀ, ଉପସଭାପତି ମନୋରଞ୍ଜନ ମହାପାତ୍ର, କିଶୋର ଚନ୍ଦ୍ର ଜେନା, ଶ୍ରୀଧର ସାହୁ, ମଞ୍ଜୁଲତା ବେହେରା, ବିଷ୍ଣୁ ଚରଣ ସାମଲ, ସମ୍ପାଦକ ଦେବେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଶିବନାରାରୟଣ ମହାନ୍ତି, ଅସଗର ଅଲ୍ଲୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଗୋଷ୍ଠୀ ଶୌଚାଳୟ ନିର୍ମାଣର ଭୂମିପୂଜା

**କୁଜଙ୍ଗ, ୧୫।୯ (ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ପାରାଦୀପଗଡ଼ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦିନୀ ଗାଁରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଲାଗି ଭୂମିପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ଭୂମିପୂଜା କରିଥିଲେ। ଚାନ୍ଦିନୀ ଗାଁରେ ବସବାସ କରିଥିବା କୌଣସି ବ୍ୟକ୍ତିଙ୍କର ସ୍ଥିତିବାନ ଘର ଡିହ ନ ଥିବାରୁ ସେମାନେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପାରିନାହାନ୍ତି। ଯାହାଦ୍ୱାରା ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଶୌଚାଳୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଗ୍ରାମରେ ଅନେକ ଲୋକ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ପାଇଁ ସେମାନେ ସରପଞ୍ଚଙ୍କୁ ଅନୁରୋଧ କରିଥିଲେ। ଫଳରେ ସରପଞ୍ଚ ଏହାର ସମାଧାନ ପାଇଁ ପଞ୍ଚାୟତରୁ ଅନୁଦାନ ପ୍ରଦାନ କରିଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ରମେଶ ଚନ୍ଦ୍ର ବେହେରା, ବିଷ୍ଣୁ ମଣ୍ଡଳ, ମହେଶ୍ୱର ପାଇକ, ହାଡିବନ୍ଧୁ ବସ୍ତିଆ, ଶ୍ରୀପଦ ରାୟ, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବୀନଦୀ ପଠାରୁ ବୃଦ୍ଧଙ୍କ ମୃତଦେହ ଜବତ

**ନାଉଗାଁ, ୧୫।୯ (ସୁଧା ବେହୁରା)**

ନାଉଗାଁ ଥାନା ଅନ୍ତର୍ଗତ ବଛାଳୋ ଦେବୀନଦୀ ପଠାରୁ ରବିବାର ଜଣେ ବୃଦ୍ଧଙ୍କ ମୃତଦେହ ମିଳିଛି। ସେ ହେଲେ କଟକ ଜିଲା ଝାଜିରମଙ୍ଗଲା ଅଞ୍ଚଳର ଫକୀର ଚରଣ ନାୟକ(୬୦)। ନଦୀରେ ବନ୍ୟା ପାଣି ପ୍ରବାହିତ ହେଉଥିବା ବେଳେ ମୃତଦେହ ଉକ୍ତ ପାଣି ସ୍ରୋତରେ ଭାସି ଆସି କୂଳରେ ଲାଗିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏସ୍‌ଆଇ ନୀଳମଣି ନାୟକଙ୍କ ସୂଚନା ମୁତାବକ ଫକୀର ଶନିବାର କଟକସ୍ଥିତ କାଠଯୋଡି ନଦୀରେ ଗାଧୋଉଥିବା ସମୟରେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଆଦିବାସୀ ଅଧ୍ୟୁଷିତ ବାଘୁଆମେଦ ରାସ୍ତା ଶୋଚନୀୟ

**ମହାକାଳପଡ଼ା, ୧୫।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

### ରୋଗୀଙ୍କୁ ଭାରରେ ଆମ୍ବୁଲାନ୍ସକୁ ନେବାକୁ ପଡୁଛି


ଆଦିବାସୀ ଅଧ୍ୟୁଷିତ ଗ୍ରାମ ବାଘୁଆମେଦ ରାସ୍ତା ଶୋଚନୀୟ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ବଡଲକଣି ପଞ୍ଚାୟତର ୧୨ ନଂ. ୱାର୍ଡ ବାଘୁଆମେଦ ଗାଁ। ଲୋକସଂଖ୍ୟା ୫ ଶହରୁ ଅଧିକ ଓ ୨ ଶହ ପରିବାରରୁ ଅଧିକ ବସବାସ କରନ୍ତି। ଏହି ଗ୍ରାମକୁ ସବୁଦିନିଆ ରାସ୍ତାନାହିଁ। ବର୍ଷା, ଝଡ଼ବାତ୍ୟା ହେଲେ ଗାଁକୁ ଯାତାୟାତ ଠପ୍ ହୋଇଯାଏ। ଗାଁର ଗୁରୁତର ରୋଗୀଙ୍କୁ ବାଉଁଶ ଭାରାରେ ଓହଳାଇ ଏକ କିମି ଦୂର ମୁଖ୍ୟ ରାସ୍ତାକୁ ନେବାକୁ ପଡେ ବୋଲି ଗ୍ରାମବାସୀ କହିଛନ୍ତି। ଅପରପକ୍ଷରେ ପିଲାମାନେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ କାଦୁଆ ପାଣି ରାସ୍ତାରେ ଯାଇଥାନ୍ତି। ତେବେ ଗ୍ରାମର ମହିଳାମାନେ ଅଧ କିମି ଦୂରତାରୁ ପାନୀୟ ଜଳ ନେବାକୁ ପଡ଼େ ବୋଲି ଯଶୋଦା ସିଂ, ନମିତା ସିଂ କହିଛନ୍ତି। ଏଠାରେ ଥିବା ଚାଷ ଜମିକୁ ଟ୍ରାକ୍ଟର ଯାତାୟାତ ଯୋଗୁ ରାସ୍ତା ଅଧିକ ଖରାପ ହେଉଛି। ଗ୍ରାମବାସୀଙ୍କ କହିବା କଥା, ନିର୍ବାଚନ ଆସିଲେ ବିଭିନ୍ନ ଦଳୀୟ ନେତୃବୃନ୍ଦମାନେ ପହଞ୍ଚି ଆମକୁ ଭୋଟ ଦିଅ ଆମେ ଆପଣଙ୍କ ଗାଁର ବିକାଶମୂଳକ କାର୍ଯ୍ୟ କରିବୁ ବୋଲି ପ୍ରତିଶ୍ରୁତି ଦେଇ ଭୋଟ ପରେ ଭୁଲିଯାଆନ୍ତି ବୋଲି ଗ୍ରାମର ପୁନ ସିଂ, ରଙ୍ଗିଲା ସିଂ, ଉଦୟ ସିଂ, କାହ୍ନୁ ସିଂ, ଅଭିରାମ ସିଂ, ମକର ସିଂ, ଭୀମ ସିଂ ପ୍ରମୁଖ କହିଛନ୍ତ। ବହୁବାର ରାସ୍ତା ନିର୍ମାଣ ପାଇଁ ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଆଢୁଆଳରେ ଆମ ଗ୍ରାମ ରହି ଯାଇଛି ବୋଲି ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହି ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ବୁଦ୍ଧିଜୀବୀ। ଏ ସଂକ୍ରାନ୍ତରେ ବଡଲକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଲିଙ୍କୁ ପଚାରିବାରେ ଶନିବାର ସମସ୍ତ ସରପଞ୍ଚ ଜିଲାପାଳଙ୍କୁ ଭେଟିଛୁ। ଆର୍ଥିକ ଅନୁଦାନ ଆସିଲେ ମେଟାଲ, ମୋରମ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି କହିଛନ୍ତି। ଅଦ୍ୟାବଧି ପଞ୍ଚାୟତରେ ଅର୍ଥ ନାହିଁ। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ସମସ୍ୟା ହେଉଛି ବୋଲି ସେ କହିଛନ୍ତି।

## ପୋଲିସ ଭୂମିକାକୁ ଦାୟୀ କଲା ବିଜେଡି

**କୁଜଙ୍ଗ, ୧୫।୯ (ମନୋଜ ପ୍ରଧାନ)**

### ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓଙ୍କୁ ହତ୍ୟା ଧମକ ଘଟଣା


ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ପାରାଦୀପ ବିଜେଡି ନେତୃମଣ୍ଡଳୀ।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ସମେତ ଆଉ କେତେଜଣ ବିଜେଡି ସମର୍ଥିତ ପ୍ରତିନିଧିଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରବିବାର ପୋଲିସକୁ ଦାୟୀ କରିଛି ବିଜେଡି। ଏନେଇ ରବିବାର ଅପରାହ୍ନରେ ଷଣ୍ଢପୁରସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ

ସେମାନେ ଅଭିଯୋଗ କରିଥିଲେ ଯେ, ଘଟଣା ଦିନ ବିଡିଓ ତାଙ୍କ ପ୍ରକୋଷ୍ଠରୁ ପୋଲିସ ସହ ସମ୍ମିଳନୀ କକ୍ଷକୁ ଯାଇଥିଲେ। ସେଠାରୁ ତାଙ୍କୁ ସରକାରୀ ବାସଭବନ ପର୍ଯ୍ୟନ୍ତ ନେଇ ପୋଲିସ ଛାଡ଼ିଥିଲା। ମାତ୍ର ଅଣଆନୁଷ୍ଠାନିକ ଭାବେ କେତେଜଣ ହାତଗଣତି ଜନପ୍ରତିନିଧି କାହିଁକି ସମ୍ମିଳନୀ କକ୍ଷରେ ବିଡିଓଙ୍କୁ ବେଆଇନ ଭାବେ ପୁରାଇ ଧମକ ଦେଉଥିଲେ ସେ ବିଷୟରେ କିଛି କହି ନ ଥିଲେ। ଅପରପକ୍ଷେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ଅସାମାଜିକଙ୍କୁ ଡାକି ଗଣ୍ଡଗୋଳ କରିଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ବନ୍ଦିତାଙ୍କ ମୋବାଇଲ ଯାଞ୍ଚ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏହାର ପ୍ରତିକ୍ରିୟାରେ ବନ୍ଦିତା କହିଛନ୍ତି, ବିଜେଡି ନେତା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ସେମାନଙ୍କର ଯଦି ବିଡିଓଙ୍କ ପ୍ରତି ମନ୍ଦ ଉଦ୍ଦେଶ୍ୟ ନ ଥିଲା ତେବେ ବିଡିଓ କାହିଁକି ପୋଲିସ ସୁରକ୍ଷା ମାଗିଥିଲେ। ଯେହେତୁ ପଞ୍ଚାୟତ କାର୍ଯ୍ୟାଳୟ ବ୍ଲକକୁ ଲାଗିକି ଅଛି, ହୋହଲ୍ଲା ଶୁଣି ସମ୍ମିଳନୀ କକ୍ଷକୁ ଯାଇଥିଲି। ସେଠାରେ କେତେଜଣ ପ୍ରତିନିଧି ଓ ଅନ୍ୟମାନେ ବିଡିଓଙ୍କୁ ଧମକାଇଥିଲେ। ଏହାଦେଖି ସେ କକ୍ଷ ବାହାରେ ଥିବା ପୋଲିସକୁ ଡାକିଥିଲେ। ବାହାର ଲୋକଙ୍କୁ କାହାକୁ ଡାକି ନାହିଁ। ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ବନ୍ଦିତା କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ବ୍ଲକ କାର୍ଯ୍ୟାଳୟ ଫାଟକ ନିକଟରେ ପୋଲିସ ଜଗିଥିବା ବେଳେ ଅସାମାଜିକମାନେ କିପରି ପଶିଲେ ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ପୋଲିସ ବିଡିଓଙ୍କ ସୁରକ୍ଷା ରେ ଥିଲେ ନା ପୂର୍ବ ସମ୍ପର୍କକୁ ପାଥେୟ କରି ଅନ୍ୟ କାହାକୁ ସୁରକ୍ଷା ଦେଉଥିଲେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ସରପଞ୍ଚ ଶ୍ରୀମତୀ ଦାସ। ମାତ୍ର ବିଜେଡି ନେତୃମଣ୍ଡଳୀମାନେ ଦାବି କରିଛନ୍ତି ଯେଉଁମାନେ ବ୍ଲକ ଭିତରକୁ ପଶି ଗଣ୍ଡଗୋଳ କରିଥିଲେ, ସେମାନଙ୍କ ନାମରେ ୩ ଦିନ ହେବ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ଅଭିଯୁକ୍ତମାନଙ୍କୁ

୩ ଦିନ ମଧ୍ୟରେ ଗିରଫ କରା ନ ଗଲେ ବିଜେଡି ସେପ୍ଟେମ୍ବର ୨୦ରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଅନ୍ୟପଟେ ସିସିଟିଭି ଯାଞ୍ଚ କଲେ ସମସ୍ତ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଜିଲା ଉପସଭାପତି ପୀତାମ୍ବର ତରାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସମ୍ବିତ ରାଉତରାୟ, ବାପି ସର୍ଖେଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ପୁଷ୍ପଲତା ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଆରୁପ୍ରସଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ସିସିଟିଭି ଯାଞ୍ଚ ଦାବିକୁ ବିଡିଓ ସ୍ୱାଇଁ ସ୍ୱାଗତ କରିଛନ୍ତି।

# କାଗଜପତ୍ରରେ ଚାଲିଛି ଗାଁ କଲ୍ୟାଣ ସମିତି

**ନୂଆଗାଁ,୧୫।୯(ଧନେଶ୍ୱର ସାହୁ)**

ସ୍ୱଚ୍ଛତା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ପ୍ରତିବର୍ଷ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅପାରଗତାରୁ ସେଥିରେ ସୁଫଳ ମିଳୁନାହିଁ । ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ କେବଳ କାଗଜପତ୍ରରେ ଗାଁ କଲ୍ୟାଣ ସମିତି କାର୍ଯ୍ୟକ୍ରମ ଚାଲିଛି । ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ବ୍ଲକ ପ୍ରଶାସନର ଏକ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି । ନୂଆଗାଁ ବ୍ଲକ ପାରାଢିପି ପଞ୍ଚାୟତ ପୋକସୁଙ୍ଗା ଗ୍ରାମରେ ଗାଁ କଲ୍ୟାଣ ସମିତି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମର ଅସଲ ଚିତ୍ର ଦେଖିବାକୁ ମିଳିଛି ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ୨୦୧୪ରୁ ସ୍ୱଚ୍ଛତା ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ସେପ୍ଟେମ୍ବର ୧୭ରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରେ ଶେଷ ହୋଇଥାଏ । ତେବେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ୧୦ ବର୍ଷ ହୋଇଥିଲେ ମଧ୍ୟ ନୂଆଗାଁ ବ୍ଲକରେ ତା'ର ପ୍ରଭାବ ଦେଖିବାକୁ ମିଳୁନାହିଁ ।


ଡ୍ରେନର ପଙ୍କ କାଦୁଅ ଭିତରେ ନଳକୂଅ ।


ସ୍ୱାସ୍ଥ୍ୟ କାନ୍ଥ ତଳେ ଗୋବର ଓ କାଦୁଅ ପାଣି ଜମି ରହିଛି ।

ପରିବେଶ ସଫାସୁତରା ରହିଲେ ଲୋକମାନେ ନିରୋଗ ରହିବେ । ତେଣୁ ଗାଁଠାରୁ ଆରମ୍ଭ କରି ସହରକୁ ସ୍ୱଚ୍ଛ ରଖିବା ପାଇଁ ସରକାର ଗାଁ କଲ୍ୟାଣ ସମିତି ଗଠନ କରିଛନ୍ତି । ପଞ୍ଚାୟତ, ବ୍ଲକ ଅଞ୍ଚଳକୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସରକାର ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ଗାଁ କଲ୍ୟାଣ ସମିତି ଯୋଜନାରେ ଗାଁ ସଫାସୁତରା , ସ୍ୱାସ୍ଥ୍ୟ ସଚେତନା ଆଦି କରାଇବା ପାଇଁ ପ୍ରତି ଗାଁ କଲ୍ୟାଣ ସମିତିକୁ ୨ଟି ପର୍ଯ୍ୟାୟରେ ୧୦ ହଜାର ଟଙ୍କା ଦିଆଯାଉଛି । କିନ୍ତୁ ଦାୟିତ୍ୱରେ ରହୁଥିବା ଅଧିକାରୀ , କର୍ମଚାରୀମାନେ କେବଳ କାଗଜପତ୍ରରେ କାର୍ଯ୍ୟକ୍ରମ ଦର୍ଶାଇ ଅନୁଦାନକୁ ଲୁଟୁଥିବା ଅଭିଯୋଗ ହେଉଛି । ଗାଁଠାରୁ ବ୍ଲକ ପର୍ଯ୍ୟନ୍ତ ସ୍ୱଚ୍ଛ ରଖିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରିବା, ଗଦା ହୋଇଥିବା ଅଳିଆକୁ ଡଷ୍ଟବିନରେ ପକାଇବା, ଟ୍ରାଇ ସାଇକେଲ ସହ ପାଉଣା ଦେବା, ଅଳିଆକୁ ଗାଁ ବାହାରେ ଗଦା କରିବା ପାଇଁ ୧.୫ ଲକ୍ଷ ଟଙ୍କା ବ୍ୟୟରେ ଆବର୍ଜନା ଗୃହ ନିର୍ମାଣ କରିବାର ବ୍ୟବସ୍ଥା କରାଯାଇଛି । ହେଲେ ପରିମଳ ବ୍ୟବସ୍ଥାରେ କୌଣସି ସୁଫଳ ମିଳୁନାହିଁ । ପାରାଢିପି ପଞ୍ଚାୟତ ପୋକସୁଙ୍ଗା ଗ୍ରାମରେ ଆଦିବାସୀମାନେ ରହୁଛନ୍ତି । ସେମାନଙ୍କ ପାନୀୟ ଜଳ ପାଇଁ ନଳକୂଅ ରହିଥିଲେ ମଧ୍ୟ ନଳକୂଅ ଦେଇ ଯାଇଥିବା ପରିତ୍ୟକ୍ତ ଡ୍ରେନକୁ ସଫା କରାଯାଉ ନାହିଁ । ଫଳରେ ଆବର୍ଜନା ପାଣି ନଳକୂପ ପାଖରେ ଜମି ରହୁଛି । ଗାଁ ସାରା କାଦୁଅ, ଗୋବର ଜମି ରହିଛି । ଗ୍ରାମର

■ଅନୁଦାନର ହେଉନି ସଦୁପଯୋଗ

■ସ୍ୱଚ୍ଛତା ପକ୍ଷ ପାଳନ ପାଲଟିଛି ପ୍ରହସନ

ସ୍ୱାସ୍ଥ୍ୟ କାନ୍ଥ ନିକଟରେ ଅପରିଷ୍କାର ପାଣି ଜମି ରହୁଥିଲେ ମଧ୍ୟ ସେଥିପ୍ରତି କେହି ଦୃଷ୍ଟି ଦେଉ ନାହାନ୍ତି । ଫଳରେ ଗ୍ରାମବାସୀ ନାନା ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହେଉଛି । ସ୍ୱଚ୍ଛତା ପାଇଁ ବ୍ଲକ ସଂଯୋଜକ କାହ୍ନୁଚରଣ ବେହେରା ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର କହୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେ କହିଛନ୍ତି । ଗାଁ କଲ୍ୟାଣ ସମିତିର କାର୍ଯ୍ୟକଳାପ ବାବଦରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିପିଏମ୍ ଡାଏନା ଦାସଙ୍କୁ ପଚାରିବାରେ ଅଙ୍ଗନୱାଡ଼ି କର୍ମୀ ଓ ୱାର୍ଡ ମେମ୍ବର ଗାଁ କଲ୍ୟାଣ ସମିତି ଅର୍ଥରେ ସଫେଇ କରୁଥିବା ରିପୋର୍ଟ ଦେଉଛନ୍ତି । ଯଦି କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ଆସେ ତା'ର ତଦନ୍ତ କରାଯିବ ବୋଲି କହିଛନ୍ତି ।

# ସୁଭଦ୍ରା ସ୍ୱାଗତ ପଦଯାତ୍ରା

**ନୟାଗଡ଼,୧୫।୯(ଲୋକନାଥ ମିଶ୍ର)**

ସୁଭଦ୍ରା ଯୋଜନା ଚଳିତ ମାସ ୧୭ ତାରିଖରେ ଉଦ୍‌ଘାଟନ ହେବାକୁ ଯାଉଥିବାରୁ ସ୍ୱାଗତ ପଦଯାତ୍ରା ଓ ସୁଭଦ୍ରା ସମ୍ପର୍କରେ ଏକକ ଅଭିନୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ପଦଯାତ୍ରା ନୟାଗଡ଼ ଜଗନ୍ନାଥ ମନ୍ଦିର ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।




**ଖଣ୍ଡପଡ଼ା,(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ପ୍ରତି ପଞ୍ଚାୟତରେ ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଖଳିସାହି ପଞ୍ଚାୟତରେ ସରପଞ୍ଚ ଫକୀର ମୋହନ ଦାସ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାଧାନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ । ବିଭିନ୍ନ ଗ୍ରାମରେ ପଦଯାତ୍ରାକୁ ସ୍ୱାଗତ କରାଯାଇଛି । ସୂଚନାଯୋଗ୍ୟ ଯେ, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପରି ଲୋକାଭିମୁଖୀ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବା ସହ ତୃଣମୂଳସ୍ତରରେ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇଛି ।




# ତଅପୋଇ ମେଳା-୨୪ ଉଦ୍‌ଯାପିତ

**ଖଣ୍ଡପଡ଼ା,୧୫।୯ (ଅଜୟ କୁମାର ମହାରଣା)**

ଭାଦ୍ରବମାସର ଶେଷ ରବିବାର ଖୁଦୁରୁକୁଣୀ ଓଷା ଅବସରରେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ ପାଣ୍ଡୁସାହୁ ପାଟଣା ତିଅର ସାହିର ଚପଳମତି ତରୁଣୀ ଅନୁଷ୍ଠାନର ତଅପୋଇ ମେଳା-୨୦୨୪ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଧବ ପୁଅର ନୌବାଣିଜ୍ୟ ବୋଇତ ବନ୍ଦାଣର ପ୍ରତି ଚରିତ୍ରକୁ ନେଇ ଏହି ଉତ୍ସବ ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ତରୁଣୀମାନେ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସଜେଇ ହୋଇ ଗ୍ରାମର ପ୍ରତି ସାହିକୁ ପରିକ୍ରମା କରିଥିଲେ । ରାତି ପ୍ରାୟ ସାଢେ ୭ଟା ସମୟରେ ୩ଶହରୁ ଊର୍ଦ୍ଧ୍ୱ ମହିଳା ଏହି ଶୋଭାଯାତ୍ରାରେ ୭ବୋହୂ ତଅପୋଇ ଓ ୭ ଭାଇ ବେଶରେ ସଜେଇ ହୋଇ ଗ୍ରାମ ପରିକ୍ରମା କରୁଥିଲେ । ମା' ମଙ୍ଗଳା ବେଶରେ ଶୋଭାଯାତ୍ରାରେ ଯାଉଥିବା ତରୁଣୀମାନଙ୍କ ନିଖୁଣ ଅଭିନୟ ଦେଖିବାକୁ ଗ୍ରାମଦାଣ୍ଡରେ ଭିଡ଼ ଲାଗି ରହିଥିଲା । ଏହି ଯାତ୍ରାରେ ସାମିଲ କରାଯାଇଥିବା ଏକ ବୋଇତ ଉପରେ ୭ଭାଇ ଓ ତଅପୋଇ ବେଶରେ ଥିବା ତରୁଣୀଙ୍କ ଅଭିନୟ ଜୀବନ୍ତ ଥିଲା । ଝିଅମାନେ ବୋଇତକୁ ବନ୍ଦାପନା କରିବା ସହ ମା' ମଙ୍ଗଳାଙ୍କୁ ପୂଜା କରିଥିଲେ । ମଙ୍ଗଳା, ତଅପୋଇ ଓ ରାଣ୍ଡୀ ବ୍ରାହ୍ମଣୀ ଓ ୭ ବୋହୂ ଭୂମିକାରେ ଯଥାକ୍ରମେ ମାମାଲି, ବିଷ୍ଣୁପ୍ରିୟା ଓ ବେନୁ ପାଣି, ହରପ୍ରିୟା, ମାଧବୀ, କିରଣ, ମାମାଲି, ପ୍ରିୟାଶି,ବିୟୁଟି, ସୁଇଟି, ବୈଶାଖୀଙ୍କ ସମେତ ଅନ୍ୟାନ୍ୟ ଭୂମିକାରେ ଝିଅମାନେ ଅଂଶଗ୍ରହଣ କରିଥିଲେ । ଭାଇର ଭଉଣୀପ୍ରତି କେତେ ସ୍ନେହ ଶ୍ରଦ୍ଧା ଭକ୍ତି ରହିଥିଲା ତାର ଏହି ପ୍ରମାଣ ସମାଜ ପାଇଁ ଶିକ୍ଷଣୀୟ ବୋଲି ଅନୁଷ୍ଠାନର ମୁଖ୍ୟ ପରିଚାଳକ ସୁରେନ୍ଦ୍ରନାଥ ବେହେରା କହିଛନ୍ତି ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବତୀ ।

# ମୂଲ୍ୟବୋଧଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

**ନୟାଗଡ଼,୧୫।୯(ଲୋକନାଥ ମିଶ୍ର)**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସଭାକକ୍ଷରେ ଶ୍ରୀରାମକୃଷ୍ଣ ବିବେକାନନ୍ଦ ଆଶ୍ରମ ତରଫରୁ ଯୁବ ସମ୍ମେଳନ ମାଧ୍ୟମରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମ ସମ୍ପାଦକ ଶ୍ରୀଧର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ କାଉ ଓ ଚିଲର ଉଦାହରଣ ଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ହିଂସା,ଈର୍ଷା ଓ ନକରାତ୍ମକ ଭାବନାରୁ ଦୂରେଇ ଚିଲ ପରି ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଆଧାର କରି ଜୀବନ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଆଦ୍ରୁତା ଶିଶୁ ସଦନର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ ବିଜ୍ଞାନ ଓ ବୈଷୟିକ ଶିକ୍ଷାର ଉନ୍ନତି ଦ୍ୱାରା ମନୁଷ୍ୟ ଯେତିକି ପ୍ରଗତି କରିଛି ସେହି ଅନୁପାତରେ ଶିକ୍ଷାରେ ମୂଲ୍ୟବୋଧର ଅଭାବ ହେତୁ ସେତିକି ଅବନତି କରୁଛି । ଏଣୁ ନିଜକୁ ସୁନାଗରିକ ଭାବେ ଗଢ଼ି ତୋଳିବାକୁ ହେଲେ ମୂଲ୍ୟବୋଧଭିତ୍ତିକ ଶିକ୍ଷାକୁ ଜୀବନରେ ଗ୍ରହଣ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ । ସଭାରେ ସଭାପତିତ୍ୱ କରୁଥିବା ରାମକୃଷ୍ଣ ମିଶନ,ଭୁବନେଶ୍ୱରର ବରିଷ୍ଠ ସନ୍ୟାସୀ ଶ୍ରୀମଦ୍ ସ୍ୱାମୀ ଅଦ୍ୱୟାନନ୍ଦଜୀ ମହାରାଜ ବୁଦ୍ଧି ଓ ସଦବୁଦ୍ଧି ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ । ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ଷଷ୍ଠ ଶ୍ରେଣୀ ଛାତ୍ରୀ ବିଶ୍ୱ ବିଜିତା ମହାନ୍ତି ଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ବିଦ୍ୟା ବିଜିତା ମହାନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଆଲୋଚନା କରିବା ସହିତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଉପରେ ଉଦ୍‌ବୋଧନ ଦେଇଥିଲେ । ଅବସରପ୍ରାପ୍ତ ସୈନିକ ତଥା ସାହିତ୍ୟିକ ଗୋପୀନାଥ ସେଠୀ ମଞ୍ଚ ସଂଯୋଜନା କରିଥିଲା ବେଳେ ଶ୍ରୀରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ପରିଷଦର ରାଜ୍ୟ ଆବାହକ ଅଧ୍ୟାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସେବାବ୍ରତୀ ଆଚାର୍ଯ୍ୟା ଆଚାର୍ଯ୍ୟ ଏଥିରେ ସହଯୋଗ କରିଥିଲେ ।

# କ୍ୟାମେରା ଚୋରି ଅଭିଯୋଗରେ ଜଣେ ଗିରଫ

ନୟାଗଡ଼,୧୫।୯(ଲୋକନାଥ ମିଶ୍ର / ଅଜୟ କୁମାର ମହାରଣା):ନୟାଗଡ଼ ଟାଉନ ଥାନା ପୋଲିସ କ୍ୟାମେରା ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ଦୁର୍ଗାପ୍ରସାଦ ଗାଁର ଅଜୟ ଲେଙ୍କା(୨୨)ଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି । ଗତ ୧୧ ତାରିଖରେ ଗଣେଶ ଭସାଣି ହୋଇଥିଲା । ଏହି ସୁଯୋଗରେ ନୟାଗଡର ମଧୁସୂଦନ ନଗରର ଦେବାଶିଷ ସାହୁଙ୍କର ଏକ ଦାମୀ କ୍ୟାମେରା ଚୋରି ହୋଇଥିଲା । ଦେବାଶିଷ ଏ ନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୪୨/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା ।

**ରଣପୁର,୧୫।୯(ସୁକାନ୍ତ କିଶୋର ଡାକୁଆ)**

ରବିବାର ରଣପୁର ବ୍ଲକ୍ ଆନୁକୂଲ୍ୟରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇଥିଲା । ଏଥିରେ ଶତାଧିକ ମହିଳା ଓ ଯୁବତୀ ଅଂଶ ଗ୍ରହଣ କରିଥିଲେ । ସେମାନେ ହାତରେ ସୁଭଦ୍ରା ପ୍ଲାକାର୍ଡ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚ ଥିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଅତିଥି ଭାବେ ରଣପୁର ବିଡ଼ିଓ ସୁଧୁରୀ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା, ବ୍ଲକ ଉପାଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ରଣପୁର ବିଜ୍ଞପିତ ଅଞ୍ଚଳ ପରିଷଦରର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ବ୍ଲକର ସମସ୍ତ ପିଇଓ, ବ୍ୟାଙ୍କ ମିତ୍ର, ଅଙ୍ଗନୱାଡ଼ି କର୍ମୀ ମହିଳା ସହାୟକ ଗୋଷ୍ଠୀ ସଦସ୍ୟା ଓ ହିତାଧିକାରୀମାନେ ଯୋଗ ଦେଇଥିଲେ ।




**ଶରଣକୁଳ,୧୫।୯(ଦୀପକ କର)**

ଶରଣକୁଳ ଗ୍ରାମପଞ୍ଚାୟତ ଓ ରାଜସ୍ୱ ଗ୍ରାମ ତଥା ପଡ଼ା ଗ୍ରାମରେ ସୁଭଦ୍ରା ଯୋଜନାର ହିତାଧିକାରୀ,ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ,ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା ସାମିଲ ହୋଇଥିଲେ । ଏହାପରେ ଶରଣକୁଳ ଗ୍ରାମପଞ୍ଚାୟତର ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ୩ଶହରୁ ଊର୍ଦ୍ଧ୍ୱ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସଭ୍ୟା ତଥା ସୁଭଦ୍ରା ହିତାଧିକାରୀ, ଗ୍ରାମପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା,ସଭ୍ୟ, ଅଙ୍ଗନୱାଡି କର୍ମୀ ପ୍ରମୁଖ ସୁଭଦ୍ରା ସ୍ୱାଗତ ପଦଯାତ୍ରା କରିଥିଲେ ।



**ଓଡ଼ଗାଁ,(ଆଦର୍ଶ କୁମାର ପଟ୍ଟନାୟକ )**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ରବିବାର ସକାଳେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ବାହାରି ମିନି ଷ୍ଟାଡ଼ିୟମ ଦେଇ ଗୁପ୍ତମଠ ସାହି ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା । ଏଥିସହିତ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଓ ରାଜସ୍ୱ ଗ୍ରାମରେ ମଧ ଅନୁରୂପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାଗୃହରେ ପଦଯାତ୍ରାରେ ଆସିଥିବା ସୁଭଦ୍ରା ହିତାଧିକାରୀମାନଙ୍କୁ ନେଇ ସୁଭଦ୍ରା ଯୋଜନା ବିଷୟରେ ଏକ ଗ୍ରୁପ ଆଲୋଚନା କରାଯାଇଥିଲା । ସୁଭଦ୍ରା ସ୍ୱାଗତ ପଦଯାତ୍ରାରେ ଶତାଧିକ ମହିଳା ଯୋଗଦାନ କରିଥିଲେ । ପଦଯାତ୍ରାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ଉପସ୍ଥିତ ରହିଥିବା ବେଳେ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଲହଡ଼ିମାଳା ପ୍ରଧାନ ଅଂଶଗ୍ରହଣ କରିଥିଲେ । ଏଥିସହିତ ସମସ୍ତ ଅଞ୍ଚଳ ପ୍ରଦର୍ଶିକା, ମିଶନଶକ୍ତି ବିଭାଗର ସମସ୍ତ କର୍ମଚାରୀ ଓ ବ୍ଲକର ବିଭାଗୀୟ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ମିଶନ ଶକ୍ତି ବ୍ଲକ ଗୋଷ୍ଠୀ ସଂଯୋଜକ ପ୍ରକାଶ ଚନ୍ଦ୍ର ପାତ୍ର ସୁଭଦ୍ରା ପଦଯାତ୍ରାର ନୋଡାଲ ଅଫିସର୍ ଭାବେ ସମସ୍ତ ଦାୟିତ୍ୱ ସମ୍ପାଦନ କରିଥିଲେ ।

# ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ଖଣ୍ଡପଡ଼ା,୧୫।୯(ଅଜୟ କୁମାର ମହାରଣା)-ରାଜ୍ୟର ଉପକୂଳ ତଥା ନୟାଗଡ଼ ଜିଲା ଖଣ୍ଡପଡ଼ା ଓ ଏହାର ଆଖପାଖ କଣ୍ଟିଲୋ, ଖଳିସାହି, ମର୍ଦ୍ଦରାଜପୁର, କୋସକା, କିଆଝର, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ମଙ୍ଗଳପୁର ଆଦି ଅଞ୍ଚଳରେ ଗତ ମାସ ୨୫ ତାରିଖରୁ ଆରମ୍ଭ ହୋଇଥିବା ଖୁଦୁରୁକୁଣୀ ଓଷା ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଓଷା,ସାଜସଜ୍ଜା ଓ ମୂର୍ତ୍ତିକୁ ନେଇ ସ୍ଥାନୀୟ ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗୀତା ହୋଇଥିଲା । ଏହି ଅବସରରେ ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗ ବେରଙ୍ଗ ଆଲୋକ ମାଳା ଦେଖିବାକୁ ମିଳିଥିଲା । ହେଲେ ଆଧୁନିକ ଯନ୍ତ୍ର ସଙ୍ଗୀତ ପ୍ରଭାବରେ ଏହି ଓଷା ପାଳନ କରୁଥିବା ଯୁବତୀମାନେ ହୁଳହୁଳି ପକାଉ ନାହାନ୍ତି । ଧିରେ ଧିରେ ହୁଳହୁଳି ପକାଇବା ପରମ୍ପରା ସରି ଆସୁଛି । ତେବେ ଆଜି ଖୁଦୁରୁକୁଣୀ ଓଷାର ଶେଷ ପାଳିରେ ଓଷା କୋଠିରେ ଝିଅମାନେ ଏକାଠି ହୋଇ ଖୁଦୁରୁକୁଣୀ ଓଷା ବହି ପଢିବା ବେଳେ ବହିର ବର୍ଣ୍ଣନା ଅନୁସାରେ ବାରମ୍ବାର ହୁଳହୁଳି ପକାଇଥିଲେ । ସନ୍ଧ୍ୟାରେ ପାରମ୍ପରିକ ବିଧି ଅନୁଯାୟୀ ଯୁବତୀମାନେ ଭୋଗଥାଳି ଧରି ପୂଜାସ୍ଥଳରେ ସମବେତ ହୋଇଥିଲେ । ଖୁଦୁରୁକୁଣୀ ବହି ପଢିବା ମଧ୍ୟରେ ପୂଜା ମଣ୍ଡପ ସମ୍ମୁଖରେ ଦିହୁଡୀ ଜଳାଇ ଝୁଣା ମାରିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ଥିଲା ।

# ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆ ପର୍ବ





ଶ୍ରୀ ରଘୁନାଥଜୀଉଙ୍କୁ ସୁନିଆ ପର୍ବରେ ପୂଜାର୍ଚ୍ଚନା କରାଯାଉଛି । ସୁନାଥାଳିରେ କାକରା ପିଠା ସର୍ମପଣ କରାଯାଇଛି ।

■ସ୍ୱର୍ଣ୍ଣ ଥାଳିରେ କାକରା ପିଠା ଲାଗି

■ଶ୍ରୀଜୀଉଙ୍କୁ ଶ୍ରଦ୍ଧାଳୁଙ୍କ ଭେଟି ପ୍ରଦାନ

**ଓଡ଼ଗାଁ,୧୫।୯ (ଆଦର୍ଶ କୁମାର ପଟ୍ଟନାୟକ)**

ସ୍ୱର୍ଣ୍ଣ କଳସ କ୍ଷେତ୍ରରେ ଶ୍ରୀରଘୁନାଥଜୀଉଙ୍କୁ ସ୍ୱର୍ଣ୍ଣ ଥାଳିରେ କାକରା ପିଠା ଲାଗି ହୋଇଛି । ସୁବର୍ଣ୍ଣ କଳସ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିବା ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆ ଓ ବାମନ ଜନ୍ମ ମହୋତ୍ସବ ରବିବାର ଭାଦ୍ରବମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ପାଳିତ ହୋଛି । ଏହା ସହିତ ଏହି ତିଥି ଠାରୁ ଗଜପତି ମହାରାଜାଙ୍କ ନୂତନ ଅଙ୍କ ପ୍ରଚଳନ କରାଯାଇ ୧୪୩୨ ସାଲର ଅୟମାରମ୍ଭ ହୋଇଛି । ଏହି ନୂତନ ଓଡ଼ିଆ ବର୍ଷ ଚାଳନାକୁ ସୁନିଆ କୁହାଯାଏ । ଏହି ପର୍ବ ଉପଲକ୍ଷେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ସୁନିଆ ପାରମ୍ପରିକ ରୀତିରେ ପାଳିତ ହୋଇଛି । ଏହା ସହିତ ପ୍ରଭୁଙ୍କ ବାମନ ଜନ୍ମ ମହୋତ୍ସବରେ ଶ୍ରୀଜୀଉମାନେ ବନାରସୀ ପୋଷକ ସହିତ ନାନାଦି ଅଳଙ୍କାରରେ ସୁସଜ୍ଜିତ ହୋଇ ସୁବର୍ଣ୍ଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ମଧ୍ୟାହ୍ନ ଖେଚୁଡ଼ି ଧୂପ ପରେ ଶ୍ରୀଜୀଉଙ୍କ ବିଜେ ପ୍ରତିମା ସୁବର୍ଣ୍ଣ ଖଟୁଲୀରେ ବିଜେ ହୋଇ ଦ୍ୱାରପାଳ ଦ୍ୱାର ନିକଟରେ ଅଷ୍ଟଧାତୁ ଖଚିତ ସୁବର୍ଣ୍ଣ ସିଂହାସନ ଉପରେ ଉପବେଶନ କରିଥିଲେ । ଘଣ୍ଟ ଘଣ୍ଟା କାହାଳୀ ଆଦି ବାଦ୍ୟ ଓ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଶବ୍ଦ ସହିତ ଆଲଟଚାମର ସେବା ପ୍ରଦାନ ପୂର୍ବକ ବିଜେ ପ୍ରତିମାଙ୍କୁ ଷୋଡଶ ଉପଚାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ହୋଇଥିବା କାକରା ପିଠା ୩ଟି ସ୍ୱର୍ଣ୍ଣ ଥାଳିରେ ଭୋଗଲାଗି କରାଯାଇ ଆଳତୀ ପ୍ରଦାନ କରାଯାଇଥିଲା । କେବଳ ବର୍ଷକରେ ଥରେ ବାମନ ଦ୍ୱାଦଶୀ ତିଥିରେ ଏହି ବିଶେଷ ଭୋଗ ଲାଗି କରାଯିବା ପରମ୍ପରା ମନ୍ଦିର ପ୍ରତିଷ୍ଠା ଦିନରୁ ପ୍ରଚଳିତ ଥିବା ମନ୍ଦିର ପରିଚ୍ଛା କହନ୍ତି ।

ଏତଦ୍‌ବ୍ୟତୀତ ଏହି ଦିନରେ ଶ୍ରୀଜୀଉଙ୍କ ସେବାରେ ଥିବା ଛତିଶାଣୀ ନିଯୋଗ, ପ୍ରଶାସକ, ଖବରଦାତା ଓ ଉପସ୍ଥିତ ଶ୍ରଦ୍ଧାଳୁ ପ୍ରଭୁଙ୍କୁ ଅର୍ଥ ଭେଟି ପ୍ରଦାନ କରିଥିଲେ । ଏଥି ନିମନ୍ତେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଭେଟି ଉପହାର ପ୍ରଦାନ କରିବାକୁ ମଧ୍ୟାହ୍ନରୁ ହିଁ ଅପେକ୍ଷା କରିଥିଲେ । ସର୍ବାଧିକ ୯୫୬୫ ଭେଟି ଟଙ୍କା ଆଦାୟ କରାଯାଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ । ପୂଜାପଣ୍ଡା କେଦାର ନାଥ ମହାପାତ୍ର ନୀତିକାନ୍ତି ସମାପନ କରିଥିବା ବେଳେ କୋଠ ସୁଆର ପୂର୍ଣ୍ଣଚନ୍ଦ୍ର ଅଧିକାରୀ ସ୍ୱତନ୍ତ୍ର କାକରା ପିଠା ପ୍ରସ୍ତୁତ କରିଥିଲେ । ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ, ଦେବୋତ୍ତର ପରିଚାଳକ ତାପସ ପଟ୍ଟନାୟକ, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଆର ସେବକ ସଭାପତି ଶୁଭକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଦର୍ଶ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁଙ୍କ ସମେତ ସଶସ୍ତ୍ର ପୋଲିସ ଫୋର୍ସ ଉପସ୍ଥିତ ଥିଲେ ।

# ଅଧାରେ ଅଟକିଛି ବିରଜା ମନ୍ଦିରର ଉନ୍ନତୀକରଣ

ଯାଜପୁର,୧୫।୯(ହର୍ଷବର୍ଦ୍ଧନ ବେହେରା)

ଦେଶରେ ଥିବା ଦୁର୍ଗା ବିଗ୍ରହମାନଙ୍କ ମଧ୍ୟରେ ଯାଜପୁରର ମା' ବିରଜାଙ୍କ ମୂର୍ତ୍ତି ଅନ୍ୟତମ ପ୍ରାଚୀନ ବୋଲି ବିଶ୍ୱାସ ରହିଛି। ଅଥଚ ବିରଜାଙ୍କ ମନ୍ଦିରର ବାହ୍ୟ ଓ ଭିତର ପାର୍ଶ୍ୱ ପରିସର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଗତ ୫ ବର୍ଷ ହେବ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଏଯାଏ ଚୂଡ଼ାନ୍ତ ରୂପରେଖ ପାଇପାରୁ ନାହିଁ। ଛୋଟବଡ ପ୍ରାୟ ୧୫ଟି ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଥିବାରୁ ଭକ୍ତଙ୍କ ମହଲରେ ପୁରାଣ ପ୍ରସିଦ୍ଧ ଏହି କ୍ଷେତ୍ରର ଗରିମା ଶ୍ରୀହୀନ ଭଳି ମନେହୋଇଛି।

ଆଶ୍ୱିନରେ ଦୁର୍ଗାପୂଜା ଅବସରରେ ମା' ବିରଜାଙ୍କ ମୁଖ୍ୟ ପର୍ବ ପାଳିତ ହୋଇଥାଏ। ଚଳିତ ବର୍ଷ ଦୁର୍ଗାପୂଜା ପାଖେଇ ଆସୁଥିବାବେଳେ ମନ୍ଦିର ପରିସରରେ ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକୁ ଦେଖିଲେ ଯାଜପୁରର ଇତିହାସ ଓ ସଂସ୍କୃତିକୁ ଅଣଦେଖା କରାଯାଉଥିବା ମତପ୍ରକାଶ ପାଇଛି। ମନ୍ଦିରର ତୃତୀୟ ପର୍ଯ୍ୟାୟ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି ବୋଲି ପୂଜକମାନଙ୍କ ମୁହଁରୁ ସୂଚନା ମିଳିଛି। ଏଥିରେ ହନୁମାନଙ୍କ ବିଗ୍ରହ ଓ ବାମ୍ଫ ସ୍ଥାନାନ୍ତର, ତଳ ଫ୍ଲୋରିଂ, ଦୀପ ଷ୍ଟାଣ୍ଡ, ରୋଷ ଘର, ପଞ୍ଜୀକରଣ କେନ୍ଦ୍ରଙ୍କ ଘର ଇତ୍ୟାଦି ପ୍ରକଳ୍ପ ଆରମ୍ଭ ହୋଇପାରିନାହିଁ। ଏଥିପାଇଁ ଦୁଇଥର ଟେଣ୍ଡର ହୋଇଥିଲେ ହେଁ ତାହା ରାଜନୈତିକ ହସ୍ତକ୍ଷେପ ଯୋଗୁ ସଫଳ ହୋଇପାରିନାହିଁ ବୋଲି ମନ୍ଦିର ସେବକଙ୍କଠାରୁ ଜଣାପଡ଼ିଛି। ସେହିପରି ବାହାର ପାର୍ଶ୍ୱରେ ୨ଟି ଶୌଚାଳୟ, ୬୦ଟି ମାର୍କେଟ କମ୍ପ୍ଲେକ୍ସ ଗୃହ, ରଥ ଅଧିବାସ ମଣ୍ଡପ, ମନ୍ଦିର ବେଢ଼ାକୁ ଲାଗି ବିରଜା ଦେବୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପାର୍କିଂ ଇତ୍ୟାଦି ବାକି ପଡିଛି। ଏଥିରୁ କେତେକ ପ୍ରକଳ୍ପ ଜମି ବିବାଦ ଯୋଗୁ ଆରମ୍ଭ ହୋଇପାରିନାହିଁ। ବିଶେଷକରି ମନ୍ଦିର ବେଢ଼ାକୁ ଲାଗି ମା' ବିରଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଏଠାରେ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଦୈନିକ ଦେଶ ବିଦେଶରୁ ଆସୁଥିବା ଶତାଧିକ ଅଣହିନ୍ଦୁଙ୍କ ପାଇଁ ବିରଜା ଦେବୀଙ୍କ ଦର୍ଶନାର୍ଥେ ଏହି ପ୍ରତିମୂର୍ତ୍ତି ସ୍ଥାପନର ଲକ୍ଷ୍ୟ ରହିଛି। ଏଥିପାଇଁ ଏକ ପିତ୍ତଳ ନିର୍ମିତ ବିରଜା ଦେବୀଙ୍କ ମୂର୍ତ୍ତି ନିର୍ମାଣ ସରିଛି। ହେଲେ ଆବଶ୍ୟକ ଭିତ୍ତିଭୂମି ସହ ତାହା ସ୍ଥାପନ ହୋଇପାରୁ ନ ଥିବାରୁ ଭକ୍ତ ମହଲରେ ନିରାଶ ଲାଗି ରହିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ବ୍ରିଜ୍ ଆଣ୍ଡ୍ ଗ୍ରୁପ୍ ଠିକାସଂସ୍ଥା ପକ୍ଷରୁ ସମ୍ପାଦିତ ହୋଇସାରିଛି। ଏଥିରେ ଭୋଗ ଦୋକାନ, ଦୀପ ଦୋକାନ, ସେବାୟତଙ୍କ ବିଶ୍ରାମସ୍ଥଳୀ, ମୁକ୍ତି ମଣ୍ଡପ, ଆନନ୍ଦ ବଜାର, ପିଣ୍ଡ ମଣ୍ଡପ, ଅଫିସ ଗୃହ, ପୋଲିସ ବିଶ୍ରାମ ଗୃହ, ପାଣି ଟାଙ୍କି ସମ୍ପୂର୍ଣ୍ଣ ହୋଇ ହସ୍ତାନ୍ତର ହୋଇସାରିଛି। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟ ମନ୍ଦିରର ଚାରି ପାର୍ଶ୍ୱ ପଥର କାରୁକାର୍ଯ୍ୟ ପ୍ରାୟ ୯୦% ସରିଛି। ଏହାବାଦ ଯାଜପୁର ସହରର ବୈତରଣୀ ନଦୀ କୂଳରେ ନିର୍ମାଣାଧୀନ ଶିବଙ୍କ ମୂର୍ତ୍ତି ମଧ୍ୟ ଶେଷ ହୋଇ ପାରୁନାହିଁ। ଏହାର ପାଚେରି ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ପୁରୁଣା ପାଚେରିରେ ନୂଆ କାର୍ଯ୍ୟ କରି ସିଂହଭାଗ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ୨୦୧୯-୨୦ରୁ ୨୦୨୩-୨୪ ବର୍ଷରେ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ଅନୁଦାନ ମିଳିଛି। ଏତେ ପରିମାଣ ଅନୁଦାନ କେଉଁଠି, କେମିତି ଖର୍ଚ୍ଚ ହୋଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅନିୟମିତତା ଉପରେ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି ହେଉଛି। ଏହି ସବୁ ଅନୁଦାନର ଉପଯୁକ୍ତ ବିନିଯୋଗ କରାଯାଇ ନିର୍ଦ୍ଧାରିତ ସମୟ ସୀମାରେ ସମ୍ପୂର୍ଣ୍ଣ କରା ଯାଇଥିଲେ ଯାଜପୁର ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥନ୍ତା ବୋଲି ମତପ୍ରକାଶ ପାଇଛି ।



ବିରଜା ମନ୍ଦିର।



ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧାରେ ଅଟକି ରହିଛି।

# ଆଜିଠାରୁ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ





ପାରାଦୀପରେ ବିଶ୍ୱକର୍ମା ପୂଜା ଲାଗି ନିର୍ମାଣାଧୀନ ତୋରଣ।

ପାରାଦୀପ,୧୫।୯(ଶରତ ରାଉତ)

ପାରାଦୀପର ଅନ୍ୟତମ ଗଣପର୍ବ ବିଶ୍ୱକର୍ମା ପୂଜା ମହୋତ୍ସବ ସୋମବାରଠାରୁ ଆରମ୍ଭ ହେଉଛି। ପାରାଦୀପ ବଡ଼ପଡ଼ିଆ ଥାନା ଛକଠାରୁ ବ୍ୟାଙ୍କ ଛକ ଓ ନୂଆବଜାର ହୋଟେଲ ଛକ ପର୍ଯ୍ୟନ୍ତ ସୁଉଚ୍ଚ ଏବଂ ଆକର୍ଷଣୀୟ ୧୪ ମେଢ଼ ହୋଇଛି। ଚଳିତବର୍ଷ ସବୁ ଆୟୋଜକ ମଣ୍ଡପ କରିଛନ୍ତି। ଗତ ୪ବର୍ଷ ହେଲା ପୂଜା ଆୟୋଜନ ଅଧା ହେଉଥିଲା। ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ୩ବର୍ଷ କରୋନା କଟକଣା ଯୋଗୁ ବନ୍ଦ ଥିଲା। ଗତବର୍ଷ ଅର୍ଦ୍ଧାଧିକ ଆୟୋଜକ ମଣ୍ଡପ କରି ନ ଥିଲେ। ମାତ୍ର ୫ଟି ବଡ଼ ମଣ୍ଡପ ହୋଇଥିଲା। ଚଳିତବର୍ଷ ଜଗତସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ, ପାରାଦୀପ ଟ୍ରକ୍ ମାଲିକ ସଂଘ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘ, ଡମ୍ପର ମାଲିକ ସଂଘ, ବୋଟ୍ ମାଲିକ ସଂଘ (ଓମ୍ପା), ପାରାଦୀପ ବନ୍ଦର ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ମେରାଇନ୍ ବିଭାଗ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ, ଭାରତୀୟ ମଜଦୁର ସଂଘ ଆଦି ସଙ୍ଗଠନ ବଡ଼ ମଣ୍ଡପ କରିଛନ୍ତି। ପ୍ରାୟ ୧୦ଲକ୍ଷ ଟଙ୍କାରୁ ଆରମ୍ଭ ହୋଇ ୪୦ଲକ୍ଷ ଟଙ୍କା ବ୍ୟୟରେ ମଣ୍ଡପ କରାଯାଇଛି। ସବୁଠାରୁ ବଡ଼ ମଣ୍ଡପ ଜିଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ କରାଯାଇଛି। ମଣ୍ଡପ ବ୍ୟୟ ବାଦ ମୂର୍ତ୍ତି, ସାଜସଜ୍ଜା, ପୂଜା, ଭୋଗ, ଭସାଣି ଓ ଭୋଜି ପାଇଁ ଅଲଗା ବଜେଟ କରାଯାଇଛି। ପ୍ରାୟ ମଣ୍ଡପ ଚଳିତ ଥର ଆକର୍ଷଣୀୟ କରିବାକୁ ହାତ ଖୋଲା ଖର୍ଚ୍ଚ କରୁଛନ୍ତି। ଆକର୍ଷଣୀୟ, ଆଲୋକୀକରଣ, ମୂର୍ତ୍ତି, ଓ ଆଭ୍ୟନ୍ତରୀଣ ସାଜସଜ୍ଜା ଆଦି ପାଇଁ ପୁରସ୍କାର ବ୍ୟବସ୍ଥା କରାଯାଇଛି। ପାରାଦୀପ ପୌରପାଳିକା, ଜିଲା ପ୍ରଶାସନ, ପୋଲିସ, ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ତଦାରଖ କରାଯାଉଛି। ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଅପରାହ୍ଣ ୪ଟା ପରଠାରୁ ରାତି ୧୧ଟା ପର୍ଯ୍ୟନ୍ତ ପୂଜା ମଣ୍ଡପ ଅଞ୍ଚଳରେ ଗାଡ଼ି ଚଳାଚଳ କଟକଣା କରାଯାଇଛି। ଶନିବାର ଓ ରବିବାର ବର୍ଷା ପବନ ଯୋଗୁ କିଛି ମାତ୍ରାରେ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କିନ୍ତୁ ସୋମବାର ମଧ୍ୟାହ୍ନ ସୁଦ୍ଧା ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଓମ୍ପା ସଭାପତି ଶ୍ରୀକାନ୍ତ ପରିଡ଼ା କହିଛନ୍ତି।

## ବଜ୍ରପାତରେ ମହିଳା ମୃତ, ଜଣେ ଆହତ

ଏରସମା,୧୫।୯ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅର୍ନ୍ତଗତ ପଦ୍ମପୁର ପଞ୍ଚାୟତସ୍ଥିତ ଓଲରା ଗାଁରେ ଶନିବାର ରାତିରେ ବଜ୍ରପାତ ଘଟିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତା ମହିଳା ହେଲେ ସୁଦର୍ଶନ ଖଟୁଆଙ୍କ ସ୍ତ୍ରୀ ଆରତୀ (୨୩)। ଆହତ ହେଲେ ଶମ୍ଭୁ ମଣ୍ଡଳଙ୍କ ସ୍ତ୍ରୀ ଗୀତା। ରାତିରେ ବର୍ଷା ହେଉଥିବାବେଳେ ଏକ ଘର ଉପରେ ପଲିଥିନ ପକାଉଥିଲେ। ବଜ୍ରପାତ ହେବାରୁ ଉଭୟ ଅଚେତ ହୋଇ ପଡ଼ି ଯାଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଆରତୀଙ୍କୁ ମୃତ ଘୋଷଣା କରିଥିଲେ। ଗୀତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରଯାଇଛି। ପୋଲିସ ମୃତଦେହକୁ ଜବତ କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜୀବନ



@ ଦୀପକ



@ ସୁନିଲ



@ ହୃଷିକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆମରଣ ଅନଶନକୁ ୬ ଦିନ ପୂରିଲା, କାର୍ଯ୍ୟାନୁଷ୍ଠାନ ଶୂନ

ରାଜକନିକା, ୧୫।୯(ସଞ୍ଜୟ କୁମାର ଦାଶ)

**ବରୁଣା ପାକ୍ସରେ ଚାଷୀଙ୍କ ଅଜାଣତରେ ଟଙ୍କା ହଡ଼ପ ଘଟଣା**

■ ବିଗୁଡୁଛି ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା

ନୂତନ ସରକାର, ନୂତନ ମୁଖ୍ୟମନ୍ତ୍ରୀଙ୍କ ତତ୍‌କ୍ଷଣାତ ପଦକ୍ଷେପ, ଏଭଳି ଭରଷା ସାଧାରଣ ଲୋକ କରିଛନ୍ତି। ହେଲେ ଅଗଷ୍ଟ ୩ରୁ ଲଗାତର ପର୍ଯ୍ୟାୟକ୍ରମେ ୧୩ଜଣ ଚାଷୀ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷର ଚାଷୀମାନେ ସେପ୍ଟେମ୍ବର ୧୦ରୁ ଆମରଣ ଅନଶନରେ ବସିଛନ୍ତି। ଏମିତିକା ଅଭିଯୋଗ ଆସିଛି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ରେ ଚାଷୀଙ୍କ ଟଙ୍କା ହଡ଼ପ ଘଟଣାକୁ ନେଇ। ଚାଷୀଙ୍କ ଅଜ୍ଞାତରେ ସେମାନଙ୍କ ବ୍ୟାଙ୍କ ବହିରୁ ଋଣ ଓ ଛାଡ଼ ଟଙ୍କା ହଡ଼ପ ହୋଇଛି। ଯେଉଁ ଘଟଣାରେ ନ୍ୟାୟ ଦାବି କରି ୬ ଦିନ ହେବ ଅହୋରାତ୍ର ଆମରଣ ଅନଶନରେ ପେଗରପଡ଼ା ପଞ୍ଚାୟତ ସମିତିସଭ୍ୟ ପ୍ରବେଶନ ମାଲିକ ଓ ଚାଷୀମାନେ ବସିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜକନିକା ଶାଖା ସମ୍ମୁଖରେ ହୋଇଥିବା ଆମରଣ ଅନଶନକୁ ସମାଜିକ କର୍ମୀ ରାଜନାରାୟଣ ଜେନା ସହଯୋଗ କରୁଛନ୍ତି। ଦୈନନ୍ଦିନ ଏହି ଅନଶନକୁ ସମର୍ଥନ ଜଣାଇ ଶତାଧିକ ଚାଷୀ ସାମିଲ ହେଉଛନ୍ତି। ଅନଶନକାରୀ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁଦିନ ବିଗୁଡୁଥିବା ଯାଞ୍ଚ କରୁଥିବା ଡାକ୍ତରୀ ଟିମ୍ କହିଛନ୍ତି। ଅନଶନ ସମ୍ପର୍କରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ସମବାୟ ମନ୍ତ୍ରୀ, ବିଭାଗୀୟ ସଚିବ ଏବଂ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଲିଖିତ ଦାବିପତ୍ର ଦେଇଛନ୍ତି। ଏହାବାଦ୍ ରାଜକନିକା ବ୍ଲକର ପ୍ରଶାସନ ସମୂହ ଅବଗତ ଥିବା ଜଣାପଡ଼ିଛି। ତେବେ ସମ୍ପୃକ୍ତ ସମ୍ପାଦକ ଏବଂ ପୂର୍ବତନ ଶାଖା ପରିଚାଳକ ଦ୍ୱୟଙ୍କ ଉପରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ହୋଇ କେବଳ ଏକପାଖିଆ ବିଭାଗୀୟ ତଦନ୍ତ ଓ ଶାଖା ପରିଚାଳକଙ୍କ ଅନ୍ୟତ୍ର ବଦଳି କରାଯାଇଥିବା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଚାଷୀମାନଙ୍କୁ କେବେ ନ୍ୟାୟ ମିଳୁଛି, ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହି ଅନଶନକୁ ସୂର୍ଯ୍ୟମଣୀ ସାହୁ, ସୁବଳ ସାହୁ, ସ୍ୱରାଜ କୁମାର ଦାଶ, ସୁମନ୍ତ ମଲିକ, ଯଯାତି ପଟ୍ଟନାୟକ, ହିମାଂଶୁ ସାମଲ, ଅକ୍ଷୟ ଗାହାଣ, ଶୁଭ୍ରଜିତ୍ ବିଶ୍ୱାଳ, ଜଗନ୍ନାଥ ସାମଲ, ନନ୍ଦିନୀ ମଲିକ, ଅକ୍ଷୟ ମଲିକ, ଅଜୟ ଜେନା, ତ୍ରିଲୋଚନ ମଲିକ, ରଜତ ଦାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଅନଶନରତ ପେଗରପଡ଼ା ସମିତିସଭ୍ୟ ପ୍ରବେଶନ ମଲ୍ଲିକ ଓ ଚାଷୀମାନେ।

# ପାର୍ବଣରେ ପାରମ୍ପରିକ ବାଦ୍ୟ ନିର୍ମାଣକାରୀଙ୍କୁ ଖୋଜା



ଗୋପରେ ବାଦ୍ୟ ଯନ୍ତ୍ର ନିର୍ମାଣ ଚାଲିଛି।



କଣ୍ଢେଇ ସହ କଳାକାର ଫକୀର ସିଂହ।

କେନ୍ଦ୍ରାପଡ଼ା, ୧୫।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଶ୍ରୀଗଣେଶ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଛି। ଏହାମଧ୍ୟରେ ଶ୍ରୀଗଣେଶଙ୍କ ଭସାଣି ଉତ୍ସବ ସରିଥିବାବେଳେ ରବିବାର ମା' ଖୁଦରୁଙ୍କୁଣୀଙ୍କୁ ବିଦାୟ ଦିଆଯାଇଛି। ସେହିପରି ମା' ଦୁର୍ଗାଙ୍କର ପୂଜୋତ୍ସବ ଆଗକୁ ଆସୁଛି। ଏହାପରେ ନବଦିନ ବ୍ୟାପୀ କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ପରେ ଶ୍ୟାମାକାଳୀ ପୂଜା ଉତ୍ସବର ମାହୋଲ ସୃଷ୍ଟି ହେବ। ଚଳିତବର୍ଷ ଡିଜେ ଉପରେ କଟକଣା ପରେ ପାର୍ବଣ ଋତୁରେ ଜିଲାର ବାଦ୍ୟଯନ୍ତ୍ର ନିର୍ମାଣକାରୀ ଓ କଳାକାରଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି। ଏହି ପାର୍ବଣ ଋତୁ ଆର୍ଥିକ ବିକାଶରେ ସହାୟକ ହେବ ବୋଲି ମତ ମିଳିଛି।

ଏ ସମ୍ପର୍କରେ ସହରର ଗୋପସ୍ଥିତ ଗୌରହରି ଦାସ(୭୨) କହିଛନ୍ତି, ପୂଜୋତ୍ସବ ବଞ୍ଚିବାର ରାହା ଦେଖାଇଛି। ଗ୍ରାମ୍ୟ କୃଷି ଅର୍ଥନୀତି ଆଧାରିତ ଏହି ଜିଲାରେ ଆର୍ଥିକ ସ୍ଥିତି ଭଲ ନାହିଁ।

**ଚଳିତ ବର୍ଷ ଡିଜେ ଉପରେ କଟକଣା**

ଗ୍ରାମ୍ୟ କଳା ଓ ସଂସ୍କୃତି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ମଧ୍ୟରେ ନିଶ୍ଚିହ୍ନ ହେବାକୁ ବସିଛି। ଡିଜେ ସଂସ୍କୃତି ଏବେ ବଢ଼ି ଚାଲିଛି। ତେବେ ସୁଖର କଥା ଡିଜେ ଶବ୍ଦକୁ ନେଇ ସଚେତନ ସୃଷ୍ଟି କରାଯାଉଥିବାରୁ ଚଳିତବର୍ଷ ପାରମ୍ପରିକ ବାଦ୍ୟଯନ୍ତ୍ର ଓ କଳାକାରଙ୍କୁ ଖୋଜା ପଡ଼ିଲାଣି। ଚଳିତବର୍ଷ ଦୁର୍ଗା ପୂଜା ପାଇଁ ୧୨ଟି ମୃଦଙ୍ଗ, ୬ଟି ସ୍ଥାନରୁ ତବଲା ଓ ଢୋଲ ନିର୍ମାଣ ପାଇଁ ବରାଦ ମିଳିଛି। ସେହିପରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏସବୁ ସାମଗ୍ରୀ ଯୋଗାଇବାକୁ ଅଗ୍ରିମ ନିଆଯାଇଛି। ପୂଜା ପାଇଁ ଅଦ୍ୟାବଧି ୪୦ରୁ ଅଧିକ ବାଦ୍ୟଯନ୍ତ୍ର ଆୟୋଜକଙ୍କୁ ଯୋଗାଇ ଦିଆଯାଇଛି। ଅନ୍ୟତମ ବାଦ୍ୟଯନ୍ତ୍ର ଯୋଗାଣକାରୀ ମଧୁସୂଦନ ଦାସ କହିଛନ୍ତି, ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖାଯାଇ ଡିଜେ ଉପରେ ପ୍ରତିବନ୍ଧକ ଲଗାଯାଉଛି। ମାତ୍ର କେତେକ କ୍ଷେତ୍ରରେ ଏହି କଟକଣାକୁ ପୂଜା କମିଟି ଉପେକ୍ଷା କରୁଛନ୍ତି। ଚଳିତବର୍ଷ ଭସାଣି ଉତ୍ସବରେ ପାରମ୍ପରିକ ବାଦ୍ୟଯନ୍ତ୍ର ଲାଗିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିବା ସମ୍ଭାବନା ଅଛି। ଯାହା ଆମ ପରି ପାରମ୍ପରିକ ବାଦ୍ୟଯନ୍ତ୍ର ନିର୍ମାଣକାରୀଙ୍କ ପାଇଁ ଏକ ସୁଖବର। ଅପରପକ୍ଷରେ ଏହି ପାରମ୍ପରିକ ବାଦ୍ୟଯନ୍ତ୍ର ନିର୍ମାଣକାରୀଙ୍କ ସଂଖ୍ୟା ଦିନକୁଦିନ କମୁଛି। ଜିଲାରେ ମାତ୍ର ୩୦ରୁ ସାମାନ୍ୟ ଅଧିକ ସ୍ଥାନରେ ଏସବୁ ନିର୍ମାଣ ହୋଇପାରୁଛି। ଉପଯୁକ୍ତ ସାମଗ୍ରୀ ସୁଲଭରେ ମିଳୁ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। କଣ୍ଢେଇ କଳା ଓ ଭାଲୁନାଟ ସଙ୍ଗଠନର ସଭାପତି ଫକୀର ସିଂହ କହିଛନ୍ତି, ପାରମ୍ପରିକ ଭାଲୁ, କଣ୍ଢେଇ ନାଚଠାରୁ ଆରମ୍ଭ କରି ଷଣ୍ଢ ଲଢ଼େଇ ପୂଜା ପାର୍ବଣରେ ଆଗେ ଖୋଜା ପଡୁଥିଲା। ଏବେ ଭସାଣି ଉତ୍ସବରେ ଡିଜେକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ବୟସ୍କ ଓ ରୋଗୀଙ୍କ ପାଇଁ ଡିଜେ ଶବ୍ଦ ଘାତକ ହୋଇଥିବା ନେଇ ବିଭିନ୍ନ ଥାନାରେ ମାମଲା ହେଲାଣି। ଏହାକୁ ଦୃଷ୍ଟିରେ ରଖି ପୂଜା ଆୟୋଜକମାନେ ପାରମ୍ପରିକ ବାଦ୍ୟଯନ୍ତ୍ର ଓ କଳାକାରଙ୍କୁ ଖୋଜା ଆରମ୍ଭ କଲେଣି। ଯାହା କଳା ସଂସ୍କୃତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ପୂଜା ଉତ୍ସବର ଭସାଣି ସମୟରେ କଳାକାରଙ୍କ ରୋଜଗାର ହୋଇଥାଏ। ଏଥିରେ ପରିବାର ଭରଣପୋଷଣ ହେବା ସହ ଆର୍ଥିକ ସମସ୍ୟାର ସମାଧାନ ହୁଏ। ଚଳିତବର୍ଷ ପୂଜା ଉତ୍ସବ ପାଇଁ ସମସ୍ତେ ଉତ୍ସାହିତ ଅଛନ୍ତ। ଖଡ଼ିଅଙ୍ଗ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଭାବଗ୍ରାହୀ ସିଂ କହିଛନ୍ତି, ପୂଜା ବିଧିରେ ଘଣ୍ଟଠାରୁ ମୃଦଙ୍ଗ ଆଦି ପାରମ୍ପରିକ ବାଦ୍ୟଯନ୍ତ୍ର ଆବଶ୍ୟକ। ଆରତି, ନୈବଦ୍ୟଠାରୁ ଆରମ୍ଭ କରି ମା'ଙ୍କ ବିସର୍ଜନ ପର୍ଯ୍ୟନ୍ତ ପାରମ୍ପରିକ ବାଦ୍ୟର ଆବଶ୍ୟକତା ଥିବାରୁ ଏହି ସାମଗ୍ରୀ କିଣାଯାଉଛି। ଚଳିତବର୍ଷ ଡିଜେ ବନ୍ଦ ହେବା ସମ୍ଭାବନା ଥିବାରୁ ଅଧିକ ପାରମ୍ପରିକ ବାଦ୍ୟର ବ୍ୟବହାର ହେବ ବୋଲି ସେ ମତ ରଖିଛନ୍ତି।

# ଚିନ୍ତାର କାରଣ ଲିଙ୍ଗଗତ ଅସମାନତା

**ନୟାଗଡ଼,୧୫।୯(ଲୋକନାଥ ମିଶ୍ର)**

■୧୬ ବର୍ଷ ପରେ ବି ଆସିଲାନି ସୁଧାର
■କନ୍ୟାଭ୍ରୁଣ ହତ୍ୟା ରୋକି ହେଉନି
■୬ମାସ ହେଲା ବସିନି ଉପଦେଷ୍ଟା କମିଟି ବୈଠକ

ଭ୍ରୁଣହତ୍ୟା ଯୋଗୁ ନୟାଗଡ଼ ଜିଲାରେ ଚିନ୍ତାର କାରଣ ପାଲଟିଛି ଲିଙ୍ଗଗତ ଅସାମନତା। କେତେଜଣଙ୍କ ଯୋଗୁ ୨୦୦୭ର ଭ୍ରୁଣହତ୍ୟା ଘଟଣା ପାଇଁ ନୟାଗଡ଼ ଜିଲାକୁ ବଦନାମର ବୋଝ ମୁଣ୍ଡାଇବାକୁ ପଡିଛି। ଭ୍ରୁଣହତ୍ୟାର ୧୬ ବର୍ଷ ପରେ ବି ଲିଙ୍ଗଗତ ସମାନତା ନ ଆସିବା ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଏ ପରିପ୍ରେକ୍ଷୀରେ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟ ଜିଲାରେ ଠିକ ଭାବେ କାମ ନ କରିବା ଦୁର୍ଭଗ୍ୟର ବିଷୟ ହୋଇଛି। ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟର ଜିଲା ଉପଦେଷ୍ଟା କମିଟି ପ୍ରାୟ ୬ମାସରୁ ଊର୍ଦ୍ଧ୍ୱ ହେଲା ବସି ପାରୁନି। କମିଟିର ବୈଠକ ହୋଇ ପାରୁ ନ ଥିବାବେଳେ ଚଢ଼ାଉ ଓ ଧରପଗଡ଼ ନାହିଁ। ଏଣୁ ଭ୍ରୁଣହତ୍ୟାରେ ରୋଜଗାର କରୁଥିବା ବ୍ୟକ୍ତିବିଶେଷ ସେମାନଙ୍କ କାର୍ଯ୍ୟ ଅବାଧରେ ଚାଲୁ ରଖିଛନ୍ତି। ପ୍ରତି ୨ମାସରେ ଥରେ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟର ଜିଲା ଉପଦେଷ୍ଟା କମିଟି ବୈଠକ ବସିବା ଆଇନରେ ପ୍ରାବଧାନ ରହିଛି। ହେଲେ ଆଇନକୁ ଅଣଦେଖା କରିବାରୁ ପିସିପିଏନ୍‌ଡିଟି ଉପରେ ସମୀକ୍ଷା ଓ ଆକ୍ସନ ପ୍ଲାନ ପ୍ରସ୍ତୁତ ହେବାରେ ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଜିଲାର ଓ ଆଖପାଖ ଜିଲାର କେତେକ ଅଲଟ୍ରାସାଉଣ୍ଡ ସେଣ୍ଟରରେ ଲୁଚାଛପାରେ ଲିଙ୍ଗ ଚୟନ ହେଉଛି ବୋଲି ଅଭିଯୋଗ ହେଉଛି। ସେହିଭଳି କେତେଜଣ ଆଶାକର୍ମୀ, ଏଏନଏମ ମଧ୍ୟ ବେଆଇନ ଗର୍ଭପାତ କରାଇ ଭ୍ରୁଣହତ୍ୟା କରୁଛନ୍ତି ବୋଲି ଅନୁରୂପ ଅଭିଯୋଗ ରହିଛି। ଜିଲା ପ୍ରଶାସନ ପକ୍ଷରୁ ପିସି ଆଣ୍ଡ ପିଏନ୍‌ଡିଟି ଆକ୍ଟକୁ କଡାକଡି କରା ନ ଗଲେ ଭ୍ରୁଣହତ୍ୟାକୁ ରୋକାଯାଇ ପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଗାଁ ଓ ସହରରେରେ ବେଆଇନ ଗର୍ଭପାତ ଚାଲିଛି। ଏଥିରେ କେତେଜଣ ଆଶାକର୍ମୀ, ଏଏନଏମ, ହୋମିଓପ୍ୟାଥି ଓ ଏଲୋପାଥି ଡାକ୍ତର, ଅବସରପ୍ରାପ୍ତ ଡାକ୍ତର, କ୍ୱାକ ଭ୍ରୁଣହତ୍ୟା କରି ଭଲ ରୋଜଗାର କରୁଛନ୍ତି। ପ୍ରାୟ ୬ବର୍ଷ ତଳେ ଭାଡିକିଳାର ଜଣେ ଆଶାକର୍ମୀ ବେଆଇନ ଗର୍ଭପାତ କରି ଜେଲ ଯାଇଥିଲେ। ସେହିପରି ସୁନାଖଳା ଡାକ୍ତରଖାନାର ଜଣେ ଡାକ୍ତର ଲୁଚାଛପାରେ ବେଆଇନ ଗର୍ଭପାତ କରି ଫସିଥିଲେ। ୨୦୨୧ ସେପ୍ଟେମ୍ବରରେ ଭ୍ରୁଣହତ୍ୟା ଘଟଣାରେ ଅପାଠୁଆ ନକଲି ଡାକ୍ତର ବିଶ୍ୱନାଥ ଘଡେଇ ଜେଲ ଯାଇଥିଲେ। ଅନ୍ୟପକ୍ଷେ କେତେଜଣ ଔଷଧ ଦୋକାନୀ ବିନା ପ୍ରେସ୍କ୍ରିପଶନରେ ଔଷଧ ଦେଇ ମଧ୍ୟ ଗର୍ଭପାତ କରାଉଥିବାର ଅଭିଯୋଗ ହୋଇ ଆସୁଛି। ଏନେଇ ଜଣେ ମହିଳା ନାମ ଗୋପନ ରଖି କହିଛନ୍ତି ନୟାଗଡ଼, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ, ବଡମ୍ବା ନରସିଂହପୁରରେ ଲୁଚାଛପାରେ ଲିଙ୍ଗ ଚୟନ ହେଉଛି। ମୋର ଜଣେ ସମ୍ପର୍କୀୟଙ୍କ ନୟାଗଡ଼ରେ ଲିଙ୍ଗ ଚୟନ ହୋଇଥିଲା। ହେଲେ ରିପୋର୍ଟ ଉପରେ ଭରସା ନ ଥିବାରୁ ଭୁବନେଶ୍ୱର ଯାଇ କରିଥିବା ସେ ମୋତେ କହିଥିଲେ। ଉଭୟ ରିପୋର୍ଟ ଝିଅ ଆସିଥିଲା। ନୟାଗଡ଼ର ରାମଚନ୍ଦ୍ର ନାୟକ ନାମକ ଜଣେ ଯୁବକ କୁହନ୍ତି, ଲିଙ୍ଗ ଚୟନ ସବୁ ଜିଲାରେ ହେଉଛି। । ଚିହ୍ନା ଓ ପରିଚୟ ନ ଥିଲେ ନୟାଗଡ଼ରେ ଲିଙ୍ଗ ଚୟନ କରାଯିବା କାଠିକର ପାଠ। ଲିଙ୍ଗ ଚୟନ ପାଇଁ ୫ରୁ ୧୦ ହଜାର ନେଇ ପୁଅ କି ଝିଅ କହୁଛନ୍ତି। ଭ୍ରୁଣହତ୍ୟା ରୋକିବା ପାଇଁ ନୟାଗଡ଼ର ନୂଆ ଜିଲାପାଳ ପଦକ୍ଷେପ ନେବେ ବୋଲି ଜିଲାବାସୀଙ୍କର ଭରସା ରହିଛି। ଖଣ୍ଡପଡ଼ାର ରଶ୍ମୀ ସାହୁ ନାମ୍ନୀ ଜଣେ ମହିଳା କୁହନ୍ତି,୨୦୦୭ର ଭ୍ରୁଣହତ୍ୟା ଘଟଣା ନୟାଗଡ଼ ଜିଲା ଦେଶ ବିଦେଶରେ ଝଡ଼ ସୃଷ୍ଟି କରିଥିଲା। ଏଥିରେ ବଦନାମ ନୁହେଁ ବରଂ ନୟାଗଡ଼ ସଚେତନତା ପାଇଁ ପଥ ପ୍ରଦର୍ଶନ କରିଥିଲା। ତେବେ ଭ୍ରୁଣହତ୍ୟାକୁ କିପରି ରୋକାଯିବ ସେଥିନେଇ ଚେଷ୍ଟା ନ କରି ଅଯଥାରେ ନୟାଗଡ଼କୁ ଦୋଷଦେଲେ କିଛି କାମ କରିବେନି। କ'ଣ କରାଗଲେ ନୟାଗଡ଼ରେ ଲିଙ୍ଗଗତ ସମାନତା ଆସିବ ସେନେଇ ମିଳିମିଶି ପଦକ୍ଷେପ ନେବା ଜରୁରୀ। ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ କୁହନ୍ତି, ୨୦୦୭ରେ ନୟାଗଡ଼ର ଭ୍ରୁଣହତ୍ୟା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ୧୬ ବର୍ଷ ଭିତରେ ଏହାକୁ ଲଗାମ ଲଗା ଯାଇ ପାରିନି। ଏହାକୁ ବନ୍ଦ କରିବା ପାଇଁ ମିଳିମିଶି ଉଦ୍ୟମ କରିବା ଦରକାର। କେତେଜଣଙ୍କ ରୋଜଗାର ଚିନ୍ତା ଜିଲାକୁ ଅଯଥାରେ ବଦନାମ କରୁଛି। ସାଧାରଣ ଲୋକ ଏହାର ପ୍ରତିବାଦ କରିବା ଦରକାର। ପୁଅ ହେଉ କି ଝିଅ ଲିଙ୍ଗ ନିରୁପଣ କରି ହତ୍ୟା କରିବା ବନ୍ଦ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜୀବନ



@ ଦୀପକ



@ ସୁନିଲ



@ ହୃଷୀକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ

**ନୂଆଗାଁ,୧୫।୯(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ବ୍ଲକସ୍ତରରେ ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତି ଘରେ ସୁଭଦ୍ରା ଯୋଜନାକୁ ପହଞ୍ଚାଇବା ତଥା ଲୋକାଭିମୁଖୀ କରାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ପ୍ରତି ପଞ୍ଚାୟତର ମହିଳାମାନେ ଏକତ୍ରୀତ ହୋଇ ସୁଭଦ୍ରା ଯୋଜନା ସମ୍ପର୍କିତ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ। ସେହିପରି ବ୍ଲକସ୍ତରରେ ମଧ୍ୟ ସୁଭଦ୍ରା ସଚେତନା କାର୍ଯ୍ୟ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ସଭାରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପ୍ରଶଂସା କରିବା ସହ ମହିଳାମାନେ କିଭଳି ସୁବିଧାରେ ଯୋଜନାର ସୁଫଳ ପାଇବେ ସେ ବାବଦରେ ବୁଝାଇଥିଲେ। ସମ୍ମାନୀତ ଅତିଥି ଭାବେ ନୂଆଗାଁ ବିଡିଓ ବାସୁଦେବ ନାୟକ ଯୋଗ ଦେଇ ସୁଭଦ୍ରା ଯୋଜନା ପ୍ରତି ମହିଳାମାନଙ୍କ ମଧ୍ୟରେ ଥିବା ଉତ୍ସାହକୁ ସ୍ୱାଗତ କରିଥିଲେ। ତେବେ ପ୍ରତି କ୍ଷେତ୍ରରେ ମହିଳାମାନେ ଆଗୁଆ ହେଲେ ବ୍ଲକ , ରାଜ୍ୟ ତଥା ଦେଶର ଉନ୍ନତି ହୋଇ ପାରିବ ବୋଲି ନିଜର ଅଭିଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୁଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ମିଶନ ଶକ୍ତି ସଂଯୋଜକ ଦିଲୀପ କୁମାର ନାୟକ , ଜୀବିକା ମିଶନ ବିପିଏମ୍ ସସ୍ମିତା ପରିଡ଼ା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଞ୍ଚାୟତସ୍ତରର ଏହି କାର୍ଯ୍ୟକ୍ରମଲୁ ଜିପିଓ ଲାଲା ରଣଜିତ ତଦାରଖ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କଣ୍ଟିଲୋରେ ସୁନିଆ ପାଳିତ



କଣ୍ଟିଲୋର ଏକ ପରିବାରରେ ସୁନିଆ ପୂଜା କରାଯାଉଛି।

**ଖଣ୍ଡପଡ଼ା,୧୫।୯ (ଅଜୟ କୁମାର ମହାରଣା)**

## ପ୍ରାଚୀନ 'ଅଙ୍କ' ପରମ୍ପରାକୁ ଭୁଲିଛନ୍ତି ଯୁବପିଢ଼ି

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋରେ ପାରମ୍ପରିକ ସୁନିଆ ବା ଅଙ୍କ ପର୍ବ ରବିବାର ପାଳିତ ହୋଇ ଯାଇଛି । ଏହି 'ଅଙ୍କ' ପର୍ବ ପ୍ରାଚୀନ ପରମ୍ପରା ଓ ଐତିହ୍ୟ ଦୃଷ୍ଟିରୁ ବେଶ ଗୁରୁତ୍ୱ ବହନ କରିଆସିଛି । ଜମିଦାରୀ ପ୍ରଥା ଓ ରାଜ ରାଜୁଡା ଶାସନ ଉଚ୍ଛେଦ ପରେ ସୁନିଆଁର ଗୁରୁତ୍ୱ ଆଜି କମି ଯାଇଛି । ହେଲେ କଣ୍ଟିଲୋ ଅଞ୍ଚଳର କେତେଜଣ କଂସା ପିତଳ କାରିଗର ଏହି ପର୍ବକୁ ଆଜି ବି ପାଳନ କରୁଛନ୍ତି ।

ଦିନଥିଲା କଣ୍ଟିଲୋ ଅଞ୍ଚଳର ପିତଳ କାରିଗରମାନେ ସୁନିଆଁ ଦିନ କଂସା ପିତଳର ନୂତନ ସାମଗ୍ରୀ ପ୍ରସ୍ତୁତ କରି ମହାଜନ, ସାହୁକାର ଓ ଶିଳ୍ପ ସମବାୟ ସମିତିଙ୍କୁ ଭେଟି ଦେଉଥିଲେ। ଏହାପରେ ସମସ୍ତ କାରିଗର, ମହାଜନ ଓ ସମିତିର କର୍ମକର୍ତ୍ତାମାନେ ସେଦିନ ଆନନ୍ଦ ଉଲ୍ଲାସର ସହ ଭୋଜିଭାତ କରି ପାଳନ କରୁଥିଲେ । ଏହି ପରମ୍ପରାକୁ କେବଳ ବଜାୟ ରଖିବାକୁ ଶିଳ୍ପ ଅନୁଷ୍ଠାନରେ ଅଙ୍କ ବା ସୁନିଆଁ ପୂଜା କରାଯାଉଛି । ଏହି ପରିପ୍ରେକ୍ଷୀରେ କଣ୍ଟିଲୋରେ ୧୯୬୦ରୁ ପ୍ରତିଷ୍ଠା କରାଯାଇଥିବା ନୀଳମାଧବ କଂସା ପିତଳ ବାସନ ସମବାୟ ସମିତି ଲିଃ, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି, ନାରାୟଣୀ ଲୌହତର ଧାତୁ ଶିଳ୍ପ, ମହାବୀର ବାସନ ଶିଳ୍ପ ସମବାୟ ସମିତି ଓ ମା ଦକ୍ଷିଣଚଣ୍ଡୀ ବାସନ ଶିଳ୍ପ ସମିତିର ସମସ୍ତ କାରିଗର ସୁନିଆରେ ବିଭିନ୍ନ ପ୍ରକାର ସୌଖୀନ ସାମଗ୍ରୀ ପ୍ରସ୍ତୁତ କରି ସମିତିକୁ ପ୍ରଦାନ କରୁଥିଲେ । ମାତ୍ର ପରିଚାଳନାଗତ ତ୍ରୁଟି ଯୋଗୁ ଉପରୋକ୍ତ ସମିତିର ଏହି ପରମ୍ପରା ଗତ ୨୭ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଦୟନୀୟ ଅବସ୍ଥାରେ ଥିବା ସେହି ସୋସାଇଟି ପରମ୍ପରାକୁ ଜାବୁଡି ଧରି ପ୍ରତି ବର୍ଷ ଅଙ୍କ ପର୍ବ ପାଳନ କରି ଆସୁଥିବା ବେଳେ ଗତ କିଛି ବର୍ଷ ହେବ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ।

କଣ୍ଟିଲୋ ଅଞ୍ଚଳରେ ବାସନ ଶିଳ୍ପ ଦୟନୀୟ ଅବସ୍ଥାରେ ପହଁଞ୍ଚିଥିବା ବେଳେ ଆଜି କୌଣସି କାରିଗର ତା'ର ହାତ ତିଆରି ବାସନ ଆଉ କାହାକୁ ଉପହାର ଆକାରରେ ଦେବା ଦେଖିବାକୁ ମିଳୁନି । ତେବେ ଆଜିର ଦିନରେ କଣ୍ଟିଲୋ ଅଞ୍ଚଳର କେତେଜଣ କାରିଗର ନିଜର କୌଳିକ ବୃତ୍ତିକୁ ଆଦରି ନେଇ ଏହି ପବିତ୍ର ଅଙ୍କ ପରମ୍ପରାକୁ ଆଡମ୍ବର ସହକାରେ ପାଳନ କରୁଥିବା ପରିଲକ୍ଷିତ ହେଉଛି । ବିଶେଷ କରି ପାଣ୍ଡୁସାହୁପାଟଣା ଗ୍ରାମର କାହ୍ନୁ ବ୍ରାସ ୟୁନିଟ, ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ଦାୟିତ୍ୱରେ ଥିବା ସନ୍ତୋଷ କୁମାର ମହାରଣା, ଦଣ୍ଡପାଣି ସାହୁ ଏବଂ ଅଖିଳ କୁମାର ସାହୁ ପ୍ରମୁଖ ପରମ୍ପରାକୁ ମନେ ପକାଇ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ପାଖରେ ରଖି ଅଙ୍କ ପୂଜା କରୁଥିବା ଦେଖିବାକୁ ମିଳିଛି । ଅନ୍ୟ କେଉଁଠି ଏପରି ପୂଜାପାଠ ହେଉନାହିଁ । ଆଜିର ଯୁବପିଢ଼ୀ ଏହି ପରମ୍ପରାଠାରୁ ବହୁ ଦୂରରେ ରହିଥିବା ଦେଖିବାକୁ ମିଳିଛି।

# ରେଲୱେ ଷ୍ଟେଶନ ପାର୍ଶ୍ୱରେ ତାଳଚାରା ରୋପଣ

**ନୟାଗଡ଼,୧୫।୯(ଲୋକନାଥ ମିଶ୍ର)**

ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ତରଫରୁ ତାଳ ଚାରା ରୋପଣର ଶୁଭାରମ୍ଭ ନୟାଗଡ଼ ରେଲୱେ ଷ୍ଟେଶନ କଡରେ କରାଯାଇଛି। ଚଳିତ ବର୍ଷ ୧ ହଜାର ତାଳ ଚାରା ଲାଗିବ । ଭାରତ ବିକାଶ ପରିଷଦ ନୟାଗଡ଼ ଶାଖାର ଅଧ୍ୟକ୍ଷ ପ୍ରସନ୍ନ କୁମାର ବସନ୍ତିଆଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତ ବିକାଶ ପରିଷଦର ସଦସ୍ୟ ପ୍ରମୋଦ ପଟ୍ଟନାୟକ, ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ନାୟକ, ଉଦୟନାଥ ନାୟକ, ଦାମୋଦର ସାହୁ, ଦୁର୍ଯ୍ୟୋଧନ ସାହୁ, ଗୋବିନ୍ଦ ସାହୁ, ବସନ୍ତ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ପ୍ରଦୀପ କୁମାର ଡାକୁଆ, ଲକ୍ଷ୍ମୀଧର ମହାପାତ୍ର, ଅଜିତ କୁମାର ମିଶ୍ର ଓ ଗୋକୁଳ ଷଡଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଗତ ୨ ବର୍ଷ ଧରି ଭାରତ ବିକାଶ ପରିଷଦ ତରଫରୁ ବାର୍ଷିକ ୧ହଜାର ଲେଖାଏଁ ତାଳ ଚାରା ରେଳଧାରଣା ପାର୍ଶ୍ୱରେ ରୋପଣ କରାଯାଇଛି। ତାଳଗଛ ବଜ୍ରପାତରୁ ପ୍ରାଣୀଜଗତକୁ ରକ୍ଷା କରିଥାଏ। ଏଥିସହିତ ତାଳ ଗଛରେ ବାୟା ଚଢ଼େଇ ବସା କରିଥାଏ । ଏହାର ପତ୍ରରୁ ବିଛଣା, ଆସନ, ଖେଳନା ଇତ୍ୟାଦି ପ୍ରସ୍ତୁତ ହୁଏ। ତାଳସଜ ଓ ପାଚିଲା ତାଳ ପ୍ରାଣୀ ସମାଜର ଏକ ଉତ୍ତମ ଖାଦ୍ୟ ଆକାରରେ ବ୍ୟବହାର କରାଯାଏ। ଆଗାମୀ ଦିନରେ କୁସୁମୀ ନଦୀ କୂଳରେ ତାଳଚାରା ରୋପଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି।

# ଦେବୋତ୍ତର କଲୋନୀ ଘରୁ ଚୋରି

**ନୟାଗଡ, ୧୫।୯(ଲୋକନାଥ ମିଶ୍ର)**

## ୩ ଲକ୍ଷ ଟଙ୍କା ଓ ୩୦୦ ଗ୍ରାମ ଅଳଙ୍କାର ଲୁଟି ନେଲେ

ନୟାଗଡ଼ ଟାଉନ ଥାନା ଦେବୋତ୍ତର କଲୋନୀର ୪ନଂ. ଲେନର ଶିବ ପ୍ରସାଦ ସାହୁଙ୍କ ଘରୁ ନଗଦ ୩ ଲକ୍ଷ ଟଙ୍କା ସହ ୩୦୦ ଗ୍ରାମ ସୁନା ଓ ୫୦୦ ଗ୍ରାମ ରୁପା ଗହଣା ଚୋରି ହୋଇଛି । ଶିବ ପ୍ରସାଦଙ୍କ ଘର ଇଟାମାଟି ଥାନା ବଡଟାଙ୍ଗିପାଟଣା ଗାଁରେ । ସେ ଦେବୋତ୍ତର କଲୋନୀରେ ଭଡାରେ ରହୁଥିଲେ । ଶିବ ପ୍ରସାଦ ଶ୍ୱଶୁର ଘର ପଞ୍ଚରିଡାକୁ ଯାଇଥିବାରୁ ଘରେ ତାଲା ପକାଇଥିଲେ । ସେଠାରୁ ଫେରି ଦେଖନ୍ତି ଘର ତାଲା ଭାଙ୍ଗିଥିଲା । ଘର ଭିତରକୁ ଯାଇ ଦେଖିବା ପରେ ଚୋରି ହୋଇଥିବା ଜଣା ପଡିଥିଲା । ପୋଲିସ ଏହି ଘଟଣାର ତଦନ୍ତ କରୁଛି ।

# ନୀଳମାଧବ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**ଖଣ୍ଡପଡ଼ା,୧୫।୯ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ଉତ୍ସବ ରବିବାର ପାଳିତ ହୋଇ ଯାଇଛି । ଆଜି ରବିବାର ଥିବାରୁ ଛାତ୍ରୀଛାତ୍ରମାନେ କଲେଜକୁ ଆସି ନ ଥିଲେ । ହେଲେ ପୂର୍ବାହ୍ନରେ କଲେଜର ଶିକ୍ଷକ, ଅଣ ଶିକ୍ଷକ, କର୍ମଚାରୀମାନେ ନୀଳମାଧବଜୀଉଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ଶ୍ରୀଜୀଉଙ୍କ ସର୍ବାଙ୍ଗ ଲାଗି କରାଯାଇଥିବା ବେଳେ କଲେଜର ଉନ୍ନତି ତଥା ବିକାଶ ଦିଗରେ ସମସ୍ତେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ । ପରେ କଲେଜ ପରିସରରେ ଥିବା ତତ୍କାଳୀନ ବିଧାୟକ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସତ୍ୟ ସୁନ୍ଦର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନର ଅଧ୍ୟାପକ ଶରତ କୁମାର ସାହୁ, ଓମ୍ ପ୍ରକାଶ ସାହୁ, ଅକ୍ଷୟ କୁମାର ସାହୁ, ହୃଷିକେଶ ମିଶ୍ର, ବଳରାମ ମନ୍ତ୍ରୀଙ୍କ ସମେତ ସହକର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶିକ୍ଷକ, ସହକାରୀ ଓ କର୍ମଚାରୀମାନେ କଲେଜର ୪୮ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠାନ କାର୍ଯ୍ୟାଳୟରେ ୪୮ଟି ଦୀପ ପ୍ରଜ୍ୱଳନ କରିବା ସହ ଅନୁଷ୍ଠାନର ଐତିହ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ ।

# କୁଆଁରିଆ ସେତୁ କାମରେ ବାଧକ ସାଜିଛି ଜମି ଅଧିଗ୍ରହଣ

**ଖଣ୍ଡପଡ଼ା,୧୫।୯(ଅଜୟ କୁମାର ମହାରଣା)**



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କୁଆଁରିଆ ସେତୁ।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବରକୋଳି ଛକ ଠାରୁ ତେନ୍ତୁଳିଆପଲ୍ଲୀ ଗ୍ରାମ ଦେଇ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଗତ ୨ ବର୍ଷ ତଳୁ ଆରମ୍ଭ ହୋଇଥିଲା। ମାତ୍ର ଏବେ ବି ସେତୁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି । କଣ୍ଟିଲୋ ପାର୍ଶ୍ୱରୁ ସେତୁ ନିର୍ମାଣ କାର୍ଯ୍ୟ କେବଳ କଂକ୍ରିଟ ଖୁମ୍ବରେ ସୀମିତ ରହିଛି । ବେଣାଗାଡିଆ ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମର ୯ଜଣ ବ୍ୟକ୍ତିଙ୍କ ଚାଷଜମି ଉପରେ ସେତୁ ନିର୍ମାଣ କାର୍ଯ୍ୟ ହେବାକୁ ଥିବା ବେଳେ ତହସିଲ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ କାମ ଆଗେଇ ପାରୁନାହିଁ। ସଡ଼କ ପଥରେ ସଂଯୋଗୀକରଣ ନିମନ୍ତେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର କରିଛନ୍ତି । ଅନୁଦାନ ଅର୍ଥରେ ରାସ୍ତାର କିଛି ଅଂଶ ସିମେଣ୍ଟ କଂକ୍ରିଟ୍ କାର୍ଯ୍ୟ ଶେଷ ହୋଇଛି। ସେହିପରି ଉକ୍ତ ରାସ୍ତାରେ ପଡୁଥିବା କୁଆଁରିଆ ନଦୀ ଉପରେ ୧୮୦ ମିଟର ସେତୁ ମଧ୍ୟରୁ ପ୍ରାୟ ୧୨୦ ମିଟର ସେତୁର ଛାତ କାର୍ଯ୍ୟ ସମ୍ପନ୍ନ ହୋଇସାରିଛି। ଅବଶିଷ୍ଟ ୬୦ ମିଟର ବିଶିଷ୍ଟ ସେତୁ କାର୍ଯ୍ୟ କରିବାରେ କେତେକ ବ୍ୟକ୍ତିଙ୍କର ଜମି ଅଧିଗ୍ରହଣ କରିବାରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟ ରେ ବାଧକ ସାଜିଛି। ଇତି ମଧ୍ୟରେ ୨ଜଣଙ୍କ ଜମି ଅଧିଗ୍ରହଣ ଶେଷ ହୋଇ ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରାପ୍ୟ ପ୍ରଦାନ କରାଯାଇଛି । ବାକି ୭ ଜଣଙ୍କର ଜମି ଅଧିଗ୍ରହଣ କାର୍ଯ୍ୟ ଅଧାରେ ଅଟକିଛି। ଫଳରେ ସେତୁ ନିର୍ମାଣ ଦାୟୀତ୍ୱରେ ଥିବା ଠିକାଦାର ପବନ କୁମାର ଅଗ୍ରୱାଲ ହାତବାନ୍ଧି ବସିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ୨୦୨୪ ମାର୍ଚ୍ଚ ମାସ ୧୧ ରେ ଉକ୍ତ ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ସ୍ଥାନରେ ଲଗାଯାଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଇତିମଧ୍ୟରେ ୬ମାସ ଅତିବାହିତ ହୋଇଛି । ଏ ସମ୍ପର୍କରେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜଗବନ୍ଧୁ ମିଶ୍ରଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି। ଅପରପକ୍ଷେ ଖଣ୍ଡପଡା ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ସହ ଯୋଗାଯୋଗ କରିବାରେ ତହସିଲ ପ୍ରଶାସନ ପକ୍ଷରୁ ଏଦିଗରେ ପ୍ରୟାସ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ।

# ବାଇକ୍ ସହ ଦେଶୀ ମଦ ଜବତ

**ନୟାଗଡ଼/ଖଣ୍ଡପଡ଼ା, ୧୫।୯(ଲୋକନାଥ ମିଶ୍ର / ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଥାନା ପୋଲିସ ବରଡାବାରୀ ଛକରେ ରବିବାର ଅଚାନକ ଚଢାଉ କରି ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ ସନାତନ ପରିଡାଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସନାତନଙ୍କ ଘର ଭାପୁର ଅଞ୍ଚଳରେ ବୋଲି ପୋଲିସ କହିଛି। ସେ ଏକ ବାଇକ୍‌ରେ ଦେଶୀ ମଦ ନେଇ ଖଳିସାହି ଅଭିମୁଖେ ଯାଉଥିବା ବେଳେ ଧରାପଡିଥିଲେ ବୋଲି ଏସଆଇ ଉପେନ୍ଦ୍ର କୁମାର ଦିଗଲଙ୍କଠାରୁ ପ୍ରକାଶ।

